# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 | Weekly Multilingual | Rs - 5.00

ଭାଗ: ୩, ସଂଖ୍ୟା: ୩୫, ଭୁବନେଶ୍ୱର, ଜୁଲାଇ ୨୦ - ଜୁଲାଇ ୨୬, ୨୦୨୬, Vol: 3, Issue: 35, Bhubaneswar, July 20 - July 26, 2026 Pages- 8


# ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଦାବି : ୧୧୧ ଦିନରେ ପହଁଚିଲାଣି ଆନ୍ଦୋଳନ



ସାଂସଦ ଡଃ ସମ୍ବିତ୍ ପାତ୍ରଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ପୁରୀ ବିଧାୟକ ସୁନୀଲ ମହାନ୍ତି

**ଦେଶର ପ୍ରମୁଖ ମନ୍ଦିର ଗୁଡ଼ିକରେ ସ୍ଥାନୀୟ ଅଧିବାସୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରବେଶ ବ୍ୟବସ୍ଥା ରହିଛି । ଏହାର ପ୍ରମୁଖ କାରଣ ହେଉଛି ମନ୍ଦିର ସହିତ ସ୍ଥାନୀୟ ଅଧିବାସୀ ମାନଙ୍କର ଦୈନନ୍ଦିନ ଚଳଣି ସହିତ ଥିବା ଅନେକ ସଂଶ୍ଲିଷ୍ଟତା । ପୂର୍ବ ସରକାରଙ୍କ ଅମଳରେ ନିଜର ପରିଚୟ ପତ୍ର ଦେଖାଇ ପୁରୀର ସ୍ଥାନୀୟ ଅଧିବାସୀ ମାନେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ପ୍ରବେଶ କରିପାରୁଥିଲେ । ମାତ୍ର ତାହା ହଠାତ୍ ବନ୍ଦ କରି ପୁରୀ ବାସୀଙ୍କୁ ସେମାନଙ୍କ ଶ୍ରୀମନ୍ଦିର ପ୍ରବେଶ ଅଧିକାରରୁ ବଂଚିତ କରାଯିବାକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମନରେ ଦାନା ବାନ୍ଧୁଥିବା ଅସୋନ୍ତଷ ଏବେ ଜନ ଆନ୍ଦୋଳନର ରୂପ ନେଲାଣି । ଏହାକୁ ନେଇ ଆମ ପୁରୀ ଜିଲ୍ଲା ପ୍ରତିନିଧି ଡଃ ରଶ୍ମି ରଞ୍ଜନ ମହାରଥାଙ୍କ ସ୍ୱତନ୍ତ୍ର ଉପସ୍ଥାପନା....**

ଶ୍ରୀଜଗନ୍ନାଥ କେବଳ ପୁରୀବାସୀଙ୍କ ଦେବତା ନୁହନ୍ତି, କି କେବଳ ଓଡ଼ିଶାବାସୀଙ୍କ ଦେବତା ନୁହନ୍ତି କି ଭାରତ ବାସୀଙ୍କ ଦେବତା ନୁହନ୍ତି । ସମଗ୍ର ବିଶ୍ୱର କୋଟି କୋଟି ହିନ୍ଦୁପ୍ରାଣର ଆରାଧ ଦେବତା ସେ । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନ ସିଂହାସନରେ ଟିକେ ଦର୍ଶନ ପାଇଁ କାହିଁ କେତେ ଦୂରରୁ ଭକ୍ତଙ୍କ ସୁଅ ଛୁଟୁଛି ଶ୍ରୀକ୍ଷେତ୍ରକୁ । ଭକ୍ତଙ୍କ ସଂଖ୍ୟାଧିକ ଆଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି । ଫଳରେ ବହୁଦୂରରୁ ଆସୁଥିବା ଭକ୍ତ ମାନେ ଦଳାଚକଟା ପରିସ୍ଥିତିକୁ ସାମନା ନକରି ଟିକେ ସମୟ ଅପେକ୍ଷା କରିବାକୁ ପଡୁ ପଛେ ସମସ୍ତେ ସୁରୁଖୁରୁରେ ଦର୍ଶନ କରି ପାରିବେ ।

ମାତ୍ର ସ୍ଥାନୀୟ ଅଧିବାସୀଙ୍କ କଥା ଟିକେ ନିଆରା । ସାଧାରଣତଃ ପ୍ରତ୍ୟେକ ପ୍ରମୁଖ ମନ୍ଦିରରେ ସ୍ଥାନୀୟ ଲୋକଙ୍କର ଦୈନନ୍ଦିନ ଭାବାବେଗ ଜଡ଼ିତ ଥାଏ । ଯେମିତି ପୁରୀ ଶ୍ରୀମନ୍ଦିର ସହିତ ପୁରୁଷ ପୁରୁଷ ଧରି ପୁରୀର ସ୍ଥାନୀୟ ଅଧିବାସୀଙ୍କର ଭାବାବେଗ ଜଡ଼ିତ । ସ୍ଥାନୀୟ ଲୋକଙ୍କର ବିବାହ, ବ୍ରତ ହେଉ କି ମଲା ମୃତିକିଆ ହେଉ ଶ୍ରୀମନ୍ଦିରର ଅବଢ଼ା ପ୍ରସାଦ ଉପରେ ପ୍ରାୟ ସମସ୍ତେ ନିର୍ଭର କରିଥାନ୍ତି । କୌଣସି ପୂଜା ପର୍ବାଣୀରେ ଶ୍ରୀମନ୍ଦିରରୁ ଅବଢ଼ା ପ୍ରସାଦ ଆଣି ପରିବାରରେ ଖାଇଥାନ୍ତି । ଘରକୁ କେହି କୁଣିଆ ଆସିଲେ ବି ଅବଢ଼ା ଖୋଜା ପଡ଼ିଥାଏ । ବିବାହ ବ୍ରତରେ ପ୍ରଥମ ନିମନ୍ତ୍ରଣ ପତ୍ରଟି ଶ୍ରୀଜଗନ୍ନାଥଙ୍କ ପାଖରେ ନେଇ ସମର୍ପଣ କରି ଶୁଭ ମନାସି ଥାଆନ୍ତି ପରିବାର ସଦସ୍ୟ ।

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)




## ପୁରୀ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଅଫିସ୍‌ରେ ରଥଯାତ୍ରା ପାସ୍ କେଳାଙ୍କାରୀ !

# ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ପ୍ରଶାସନିକ ଅବହେଳା

**ପୁରୀ (ଭିଓଭି):** ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଅଫିସ୍‌ରେ ରଥଯାତ୍ରା ପାଇଁ ସାମ୍ବାଦିକ ପାସ୍ ବଂଟାକୁ ନେଇ ବ୍ୟାପକ ଅନିୟମିତତା ଚିତ୍ର ପ୍ରତ୍ୟେକ ବର୍ଷ ଚର୍ଚ୍ଚାକୁ ଆସୁଛି। ପ୍ରଶ୍ନବାଚି ସୃଷ୍ଟି ହୋଇଛି ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ ଭୂମିକାକୁ ନେଇ। ପ୍ରତ୍ୟେକ ବର୍ଷ ରଥଯାତ୍ରା ଆସିଲେ ଗଣମାଧ୍ୟମ ପାସ୍, ବାଇକ୍ ପାସ୍, କାର ପାସ୍ ଇସ୍ୟୁ କରିବା ଦାୟିତ୍ୱ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗକୁ ଦିଆଯାଇଥାଏ। ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରିଂଟ୍ ମେଡିଆ ଏବଂ ଇଲେକ୍ଟ୍ରୋନିକ୍ସ ମେଡିଆଙ୍କ ଏକ ଲମ୍ବା ତାଲିକା ପ୍ରସ୍ତୁତ କରି ପ୍ରାୟ ଦୁଇ ଶହରୁ ଅଧିକା ପାସ୍ ହାତେଇ ଥାନ୍ତି। ଉକ୍ତ ତାଲିକାରେ କେତେକ ମୃତ ସଂସ୍ଥା ମାନଙ୍କ ନାମ ମଧ୍ୟ ଉଲ୍ଲେଖ ଥାଏ। ମାତ୍ର ରଥଯାତ୍ରାର ଠିକ୍ ଦିନେ କିମ୍ବା ଦୁଇଦିନ ପୂର୍ବରୁ କେତେକ ଆଗ ଧାଡିର ସାମ୍ବାଦିକଙ୍କୁ ଛାଡ଼ି ଦେଲେ ଅନ୍ୟ ପାସ୍ ଗୁଡ଼ିକୁ ବିଭିନ୍ନ ଆଳ ଦେଖାଇ ତାଲିକାରେ ନାମ ଥିଲେ ମଧ୍ୟ ସେମାନଙ୍କୁ ଦିଆଯାଏ ନାହିଁ। ଆଇ ଆଣ୍ଡ ପି.ଆର. ରେଜିଷ୍ଟ୍ରେସନ ନଥିଲେ ପାସ୍ ଦିଆଯିବ ନାହିଁ ବୋଲି ରୋକ୍ ଠୋକ୍ ଶୁଣାଇ ଦିଆଯାଏ। କିନ୍ତୁ ଆଗଧାଡ଼ିର କିଛି ସାମ୍ବାଦିକଙ୍କୁ ପାସ୍ ଦେଇ ସାରିବା ପରେ ଅବଶିଷ୍ଟ ବଳକା ପାସ୍‌କୁ ହେରାଫେରି କରି ଦିଆଯାଉଥିବାର ଗୁରୁତର ଅଭିଯୋଗ ସାମନାକୁ ଆସିଛି। ଏହି ପାସ୍ କୁ ନେଇ କୁ ନେଇ କୁଆଡେ ମୋଟା ଅଙ୍କର ଭିଟାମିନ୍ କାରବାର ହେଉଛି ବୋଲି ଆଲୋଚନା ହେଉଛି। ତାଲିକାରେ ନାମଥିବା ସାମ୍ବାଦିକଙ୍କୁ ତୁମେ ପାସ୍ ପାଇଁ ବହୁ ଆଗରୁ ଚିଠି କରିନ ବୋଲି କହି ଫେରାଇ ଦିଆଯାଉଛି କିନ୍ତୁ ସାମ୍ବାଦିକ ମାନଙ୍କ ପାଇଁ ଉଦିଷ୍ଟ ପାସ୍ କୁ ନିଜର ସଂପର୍କୀୟ ଏବଂ ପ୍ରଭାବଶାଳୀ ଲୋକଙ୍କୁ ଦିଆଯାଉଛି। ଏପରିକି ଜଣେ ଜଣେ ତିନି ଚାରୋଟି ପାସ୍ ହାତେଇଥିବା ଦେଖିବାକୁ ମିଳୁଛି। ରଥଯାତ୍ରା ଆସିଲେ ପୁରୀ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଫିସ୍ ର ଜନୈକ ତଳିଆ କର୍ମଚାରୀଙ୍କ ହାତରେ ସମସ୍ତ ପାସ୍ ରୁହେ। ସେ ହିଁ ସେହି ସମୟରେ ସର୍ବୋଚ୍ଚ ପାୱାରରେ ଥିବାପରି ମନେ ହୁଏ। ପ୍ରକାଶ ଥାଉ କି, ଗତବର୍ଷ କେତେକ କାର୍ଯ୍ୟରତ ସାମ୍ବାଦିକଙ୍କୁ ପାସ୍ ଦିଆ ନଯାଇ ଫେରାଇ ଦିଆଯାଇଥିଲା। କିନ୍ତୁ ଅତ୍ୟଧିକ କର୍ଡନ ପାସ୍ ଧାରୀ ଙ୍କ ଯୋଗୁଁ ନନ୍ଦିଘୋଷ ରଥଟଣାରେ ବିଳମ୍ବ ହୋଇଥିବାର ଅଭିଯୋଗ ହୋଇଥିଲା।

କେତେକ ଆଗ ଧାଡ଼ିର ପ୍ରିଂଟ ମିଡିଆ ବା ଇଲେକ୍ଟ୍ରୋନିକ୍ସ ମିଡିଆ ସଂସ୍ଥାରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଛାଡ଼ି ଦେଲେ ନୂତନ ସଂସ୍ଥାରେ କାମ କରୁଥିବା ବା ନୂତନ ସାମ୍ବାଦିକଙ୍କୁ ପୁରୀ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟରେ ଖୋଲା ଖୋଲି ଭାବେ ଅଣଦେଖା କରାଯାଉଥିବାର ଅଭିଯୋଗ ସାମନାକୁ ଆସିଛି।




ଯୁବ ଲେଖକ ଅଭ୍ୟୁକ୍ତ ସାହୁଙ୍କୁ ସମ୍ମାନିତ କଲେ ସି ଭି ରମଣ ଗ୍ଲୋବାଲ ୟୁନିଭରସିଟି ଓ ବିଜେଇଏମ୍ ସ୍କୁଲ। ମାତ୍ର ୧୪ବର୍ଷୀୟ ବିସ୍ମୟ ବାଳକ ଅଭ୍ୟୁକ୍ତ ଆଜି ପର୍ଯ୍ୟନ୍ତ 'ଫ୍ରମ୍ ଏ ପ୍ରିନ୍ସ ଟୁ ଏ କିଙ୍ଗ', 'ଏମ୍ ଏସ ଧୋନୀ - ଦି ଏନିଗ୍ମା', 'ଟାଇମ୍ ୱିଭର୍ସ ପାରଡକ୍ସ', 'ହ୍ୱାଟ୍ ଉଇ ଚୁଜ୍ ଟୁ ରିମେମ୍ବର' ଭଳି ୪ଟି ପୁସ୍ତକ ଲେଖି ସାରିଛନ୍ତି।

# ଭଗବାନଙ୍କ ଭରସାରେ କ୍ଷେତେରାଙ୍କ ପରିବାର

## ଦୁଇ କିଡନୀ ଅକାମୀ : ସାହାଯ୍ୟ ପାଇଁ ଆକୁଳ ନିବେଦନ

**ସତ୍ୟବାଦୀ (ଦୁର୍ଗେଶ ମିଶ୍ର):** ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ପଞ୍ଚାୟତର ଦିହୁଡି ସାହିର ବାସିନ୍ଦା କ୍ଷେତେରା ପ୍ରଧାନ ଆଜି ଜୀବନ-ମୃତ୍ୟୁ ସଂଗ୍ରାମ ମଧ୍ୟରେ ଦିନ କାଟୁଛନ୍ତି। ଦୁଇଟି କିଡନୀ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯିବା ପରେ ସେ ଆଉ କୌଣସି କାମ କରିବାକୁ ସକ୍ଷମ ନଥିବା ବେଳେ, ସମଗ୍ର ପରିବାର ଏବେ ଅସହାୟ ଅବସ୍ଥାରେ ଭଗବାନଙ୍କ ଭରସାରେ ରହିଛି। କ୍ଷେତେରାଙ୍କ ସ୍ତ୍ରୀ ସନ୍ତୋଷୀ, ଦୁଇ ଝିଅ ଓ ଗୋଟିଏ ପୁଅଙ୍କୁ ନେଇ ସାଧାରଣ ଜୀବନ ବିତାଉଥିଲେ। ଅଳ୍ପ ଚାଷଜମିରୁ ମିଳୁଥିବା ଆୟ ସହ ପରପାଇଟି କାମ କରି ପରିବାରର ଭରଣପୋଷଣ କରୁଥିଲେ। କିନ୍ତୁ ହଠାତ୍ ଅସୁସ୍ଥ ହେବା ପରେ ଚିକିତ୍ସା ଓ ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଥିଲା ଯେ ତାଙ୍କର ଉଭୟ କିଡନୀ ଅକାମୀ ହୋଇଯାଇଛି। ଏହି ଖବର ପରିବାର ଉପରେ ବଜ୍ରାଘାତ ସଦୃଶ ପଡ଼ିଥିଲା।



ବର୍ତ୍ତମାନ କ୍ଷେତେରାଙ୍କ ଚିକିତ୍ସା ପାଇଁ ନିୟମିତ ଡାଇଲେସିସ୍ ସହ ଅନ୍ୟାନ୍ୟ ଚିକିତ୍ସା ଚାଲିଛି। ଆୟୁଷ୍ମାନ କାର୍ଡ ମାଧ୍ୟମରେ କିଛି ଚିକିତ୍ସା ସୁବିଧା ମିଳୁଥିଲେ ମଧ୍ୟ ଯାତାୟାତ, ଔଷଧ, ରହଣି ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ପ୍ରତିମାସ ପ୍ରାୟ ୧୨ରୁ ୧୫ ହଜାର ଟଙ୍କା ଆବଶ୍ୟକ ହେଉଛି। ଏହି ଅର୍ଥ ଯୋଗାଡ଼ କରିବା ପରିବାର ପାଇଁ ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି।

ସ୍ୱାମୀ ଅସୁସ୍ଥ ହୋଇପଡ଼ିବା ପରେ ପରିବାରର ସମସ୍ତ ଦାୟିତ୍ୱ ଏବେ ସ୍ତ୍ରୀ ସନ୍ତୋଷୀଙ୍କ କାନ୍ଧରେ ଆସିପଡ଼ିଛି। ସେ ନିଜ ଚାଷବାସ ଦେଖିବା ସହ ପରପାଇଟି କାମ କରି ପରିବାର ଚଳାଉଛନ୍ତି। ଏକପଟେ ସଂସାର ଖର୍ଚ୍ଚ, ଅନ୍ୟପଟେ ପିଲାଙ୍କ ପାଠପଢ଼ା ଓ ସ୍ୱାମୀଙ୍କ ଚିକିତ୍ସା ବ୍ୟୟ ବହନ କରିବା ତାଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ପରିବାରର ଦୁର୍ଦ୍ଦଶା ଦେଖି କ୍ଷେତେରାଙ୍କ ୧୫ ବର୍ଷ ବୟସର ବଡ଼ ଝିଅ, ଯିଏ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଛନ୍ତି, ସନ୍ଧ୍ୟା ସମୟରେ ଏକ କେକ୍ ଦୋକାନରେ କାମ କରି ପରିବାରକୁ ସହଯୋଗ କରୁଛନ୍ତି। ଅନ୍ୟ ଦୁଇ ସନ୍ତାନ ଏବେ ମଧ୍ୟ ଛୋଟ ଥିବାରୁ ସେମାନଙ୍କ ଭବିଷ୍ୟତକୁ ନେଇ ପରିବାର ଗଭୀର ଚିନ୍ତାରେ ରହିଛି।

ସାମାଜିକ କର୍ମୀ ସୁଶୀଲ କୁମାର ସାହୁ ଓ ରମେଶ ଚନ୍ଦ୍ର ପଲେଇ କହିଛନ୍ତି ଯେ, କ୍ଷେତେରା ପ୍ରଧାନଙ୍କ ପରିବାରକୁ ତୁରନ୍ତ ସରକାରୀ ଓ ବେସରକାରୀ ସହାୟତାର ଆବଶ୍ୟକତା ରହିଛି। ଏପରି ସମୟରେ ସରକାର, ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ଥାନୀୟ ଜନସାଧାରଣ ସହାୟତାର ହାତ ବଢ଼ାଇଲେ ପରିବାରଟି ନୂଆ ଆଶା ପାଇପାରିବ। 'ଭଏସ ଅଫ୍ ଭିକ୍ଟିମ୍ସ' ପକ୍ଷରୁ ମଧ୍ୟ କ୍ଷେତେରା ପ୍ରଧାନଙ୍କ ପରିବାରକୁ ସମ୍ଭବପର ସହାୟତା ଯୋଗାଇବା ପାଇଁ ସରକାର ଓ ସମାଜର ସମସ୍ତ ସଚେତନ ବ୍ୟକ୍ତିଙ୍କୁ ନିବେଦନ କରାଯାଇଛି।

# କୋଟଗଡ-ବିନୋଦପଡ଼ା ରାସ୍ତା ମରଣଯନ୍ତା : ଦୁର୍ଦ୍ଦଶାରେ ୬ ଗାଁର ଲୋକେ









**ରାଜସୁନାଖଳା (ଭିଓଭି):** ବର୍ଷେ ତଳେ ମରାମତି ହୋଇଥିବା କୋଟଗଡ଼ଠାରୁ ବିନୋଦପଡ଼ା କଲେଜ ଛକ ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତା ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ। ଅସଂଖ୍ୟ ଖାଲଖମା ଯୋଗୁଁ ରାସ୍ତାଟି ଏବେ ମରଣଯନ୍ତା ପାଲଟିଯାଇଛି। ଦୁଇଚକିଆ ଓ ତିନିଚକିଆ ଯାନ ଦୁର୍ଘଟଣାର ଶିକାର ହେଉଥିବା ବେଳେ ପାଦଚାରୀମାନେ ମଧ୍ୟ ସୁରକ୍ଷିତ ଭାବେ ଚାଲିପାରୁ ନାହାନ୍ତି। ଅନେକ ଲୋକ ଆହତ ହେଉଥିବା ସହ ଧନଜୀବନ ହାନି ଘଟୁଥିବାରୁ ଚାରିଚକିଆ ଛୋଟ ଯାନଗୁଡ଼ିକ ଏହି ରାସ୍ତାରେ ଚଳାଚଳ ପ୍ରାୟ ବନ୍ଦ କରିଦେଇଛନ୍ତି। ପାହାଡ଼ କଡ଼େକଡ଼େ ଓ ଗହୀର ମଝିଦେଇ ଯାଇଥିବା ଏହି ସୁନ୍ଦର ଅଙ୍କାବଙ୍କା ରାସ୍ତା ଏବେ ଖାଲଖମାରେ ଭର୍ତ୍ତି। ଫଳରେ କୋଟଗଡ଼, ଚିନ୍ତାମଣିପୁର, ବଧି, ନରେନ୍ଦ୍ରପୁର, ଡିହଗାଁ ଓ ବିନୋଦପଡ଼ା ସମେତ ୬ଟି ଗ୍ରାମର ହଜାର ହଜାର ଲୋକ ଦୈନନ୍ଦିନ ଯାତାୟାତରେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଛାତ୍ରଛାତ୍ରୀଙ୍କ ସ୍କୁଲ ଓ କଲେଜ ଯାତ୍ରା ବିପଦପୂର୍ଣ୍ଣ ହୋଇପଡ଼ିଥିବା ବେଳେ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସ ପହଞ୍ଚିବା ମଧ୍ୟ କଷ୍ଟସାଧ ହୋଇପଡ଼ିଛି। ରାସ୍ତାର ଆରମ୍ଭ କୋଟଗଡ଼ ଗ୍ରାମ ସୁନାଖଳା ପଞ୍ଚାୟତ ଅଧୀନରେ ଥିବାବେଳେ ଶେଷ ପ୍ରାନ୍ତ ବିନୋଦପଡ଼ା ନରେନ୍ଦ୍ରପୁର ପଞ୍ଚାୟତରେ ରହିଛି। ଭୌଗୋଳିକ ଓ ପ୍ରଶାସନିକ ଅସ୍ପଷ୍ଟତା କାରଣରୁ ଏହି ରାସ୍ତା ଦୀର୍ଘଦିନ ଧରି ଅବହେଳିତ ହୋଇଆସୁଥିବା ଅଭିଯୋଗ କରୁଛନ୍ତି ସ୍ଥାନୀୟ ଲୋକେ। ଏହି ରାସ୍ତା କେବଳ ୬ଟି ଗ୍ରାମର ଜୀବନରେଖା ନୁହେଁ, ରଣପୁରରୁ ଖୋର୍ଦ୍ଧା ଓ ଭୁବନେଶ୍ୱର ଯାତାୟାତ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ପଥ। ରାଜସୁନାଖଳା ବଜାରର ଭିଡ଼କୁ ଏଡ଼ାଇବା ପାଇଁ ବହୁ ଯାନବାହନ ଏହି ରାସ୍ତା ବ୍ୟବହାର କରିଥାନ୍ତି। ସେହିପରି କୋଟଗଡ଼ ପାର୍କ, କୋଟଗଡ଼ ଗୁମ୍ଫା, ନୌକାବିହାର କେନ୍ଦ୍ର ଓ ସୁନାଖଳା ରେଳ ଷ୍ଟେସନକୁ ଯିବା ପାଇଁ ମଧ୍ୟ ଏହା ଏକ ପ୍ରମୁଖ ରାସ୍ତା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଖଣିଜ ପଥର ପରିବହନ କରୁଥିବା ଶତାଧିକ ଭାରୀଯାନ ଏହି ରାସ୍ତା ଦେଇ ନିୟମିତ ଚଳାଚଳ କରୁଥିବାରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଅନେକ ସ୍ଥାନରେ ଆଣ୍ଠୁଏରୁ ଜଂଘେ ପର୍ଯ୍ୟନ୍ତ ଗଭୀର ଖାଲ ସୃଷ୍ଟି ହୋଇଛି। ଏଥିପାଇଁ ବାରମ୍ବାର ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନଙ୍କ ନିକଟରେ ଦାବି ଜଣାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ଏଯାଏଁ ହୋଇନାହିଁ। ତେଣୁ ଏହି ୪ କିମି ଆରଡି ରାସ୍ତାର ତୁରନ୍ତ ମରାମତି ସହ ଭାରୀଯାନ ଚଳାଚଳ ଉପରେ ନିୟନ୍ତ୍ରଣ ଲାଗୁ କରିବାକୁ ସ୍ଥାନୀୟ ଜନସାଧାରଣ ଦୃଢ଼ ଦାବି କରିଛନ୍ତି।

# ରଥରେ ଯାତ୍ରା



ମନସ୍ୱିନୀ ସାହୁ

'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ବିଦ୍ୟତେ', ଏହି ପୁରାଣୋକ୍ତି କେବଳ ଏକ ଶ୍ଳୋକ ନୁହେଁ, ବରଂ ରଥଯାତ୍ରାର ଆଧ୍ୟାତ୍ମିକ ମହିମାର ସାରସତ୍ୟ। ଭଗବାନଙ୍କ ରଥାରୂଢ଼ ଦର୍ଶନ ଜୀବକୁ ଜନ୍ମ-ମୃତ୍ୟୁର ବନ୍ଧନରୁ ମୁକ୍ତିର ପଥ ଦେଖାଏ ବୋଲି ଶାସ୍ତ୍ରରେ ବର୍ଣ୍ଣିତ।

ଦ୍ୱାପର ଯୁଗରେ ମାନବୀୟ ଲୀଳା ସମାପ୍ତ କରି ପରମବ୍ରହ୍ମ ଶ୍ରୀକୃଷ୍ଣ କଳିଯୁଗରେ ଦାରୁବ୍ରହ୍ମ ରୂପେ ଉତ୍କଳର ପବିତ୍ର ଶ୍ରୀକ୍ଷେତ୍ର ପୁରୀରେ ବିରାଜମାନ ହେଲେ। ସତ୍ୟଯୁଗରୁ କଳିଯୁଗ ପର୍ଯ୍ୟନ୍ତ ଧର୍ମ ଓ ସତ୍ୟର ସଂଘର୍ଷ ଅବିରତ। ଯୁଗ ବଦଳେ, ସମୟ ବଦଳେ, କିନ୍ତୁ ଭଗବାନଙ୍କ କରୁଣା ଓ ଧର୍ମ ସ୍ଥାପନାର ସଂକଳ୍ପ ଅପରିବର୍ତ୍ତିତ ରହେ। ଦାରୁବ୍ରହ୍ମଙ୍କ ଦର୍ଶନରେ ଭକ୍ତମନ ପବିତ୍ର ହୁଏ ଓ ଜୀବନ ନୂତନ ଦିଗ ପାଏ। କୁହାଯାଏ ଯିଏ ଯେପରି ଭାବେ, ତା' ପାଇଁ ବିଶ୍ୱ ସେପରି ଫଳ ରଖିଥାଏ। ଉଚ୍ଚମନା ଅମୃତ ଲଭେ, ନୀଚମନା ବିଷ ପାଏ। ସମୁଦ୍ର ମନ୍ଥନରୁ ମିଳିଥିବା ଅମୃତ ଦେବତାଙ୍କୁ ଚିରଞ୍ଜୀବୀ କରିଥିଲା; କିନ୍ତୁ ମଣିଷ ପାଇଁ ପ୍ରକୃତ ଅମୃତ ହେଉଛି ଭଗବାନଙ୍କ ନାମସ୍ମରଣ, ଧ୍ୟାନ, ଭଜନ ଓ ସତ୍ ?ଚିନ୍ତନ। ସେହି ଆଧ୍ୟାତ୍ମିକ ଅମୃତ ମଣିଷକୁ ଦେବତ୍ୱର ଦିଗରେ ଅଗ୍ରସର କରେ। ରଥଯାତ୍ରାର ସର୍ବବୃହତ ବାର୍ତ୍ତା ହେଉଛି ଭଗବାନଙ୍କ ଭକ୍ତବତ୍ସଳତା। ଶ୍ରୀଜଗନ୍ନାଥ ସ୍ୱୟଂ ରତ୍ନସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଆସନ୍ତି, ଭକ୍ତଙ୍କ ଗହଣକୁ ଯାଆନ୍ତି, ଜନ୍ମବେଦୀରେ ବିରାଜମାନ ହୁଅନ୍ତି ଏବଂ ପୁନର୍ବାର ବାହୁଡ଼ା ଯାତ୍ରାରେ ଫେରି ଜଗତର ପାଳନ କରନ୍ତି। ଏହି ଲୀଳା ପ୍ରମାଣ କରେ ଯେ, ଭକ୍ତ ବିନା ଭଗବାନଙ୍କ ଲୀଳା ସମ୍ପୂର୍ଣ୍ଣ ନୁହେଁ। ରଥ କେବଳ କାଠରେ ନିର୍ମିତ ଏକ ଯାନ ନୁହେଁ; ଏହା ମାନବ ଶରୀରର ପ୍ରତୀକ। ଶରୀରରୂପୀ ଏହି ରଥ କର୍ତ୍ତବ୍ୟର ପଥରେ ଅଗ୍ରସର ହୁଏ, ଆଉ ତାହାର ଅନ୍ତରାଳରେ ପରମାତ୍ମା ସଦା ବିରାଜମାନ। ଯେଉଁ ଜୀବ ଏହି ଶରୀରରୂପୀ ରଥରେ ପରମାତ୍ମାଙ୍କ ଉପସ୍ଥିତିକୁ ଅନୁଭବ କରିପାରେ, ସେ ଜନ୍ମ-ମୃତ୍ୟୁର ଚକ୍ରରୁ ମୁକ୍ତିର ପଥ ପାଏ। ଏହି ଉପଲବ୍ଧି ସହଜ ନୁହେଁ; ଏହା ଭକ୍ତି, ସାଧନା ଓ ଅନ୍ତରର ନିର୍ମଳତାର ଫଳ। ପ୍ରତିବର୍ଷ ରଥ ଗଡ଼ି ଯାଏ, ପୁଣି ବାହୁଡ଼ି ଆସେ। କିନ୍ତୁ ଏହି ବାର୍ଷିକ ଉତ୍ସବର ପ୍ରକୃତ ଅର୍ଥ ସେତେବେଳେ ସାର୍ଥକ ହୁଏ, ଯେତେବେଳେ ମଣିଷ 'ନର ହିଁ ନାରାୟଣ' ଭାବକୁ ଉପଲବ୍ଧି କରି ନିଜ ଜୀବନକୁ ସେବା, ପ୍ରେମ, ଦୟା ଓ ଧର୍ମରେ ସମର୍ପିତ କରେ। ସେହି ଚେତନା ହିଁ ମୋକ୍ଷର ପଥକୁ ପ୍ରଶସ୍ତ କରେ ଏବଂ ସୂକ୍ଷ୍ମାତିସୂକ୍ଷ୍ମ ଆତ୍ମା ପରମାତ୍ମାଙ୍କ ସହିତ ଲୀନ ହେବାର ଅନୁଭୂତି ଦିଏ। ରଥଯାତ୍ରା ତେଣୁ କେବଳ ଏକ ଧାର୍ମିକ ପର୍ବ ନୁହେଁ; ଏହା ଜୀବନଯାତ୍ରାର ଏକ ମହାନ ଦର୍ଶନ। ଆମ ସମସ୍ତଙ୍କ ଜୀବନରଥ ସତ୍ୟ, ଧର୍ମ ଓ ମାନବିକତାର ପଥରେ ସୁରୁଖୁରୁରେ ଗଡ଼ି ଚାଲୁ। ଦିବ୍ୟ ଚେତନାରେ ଆଲୋକିତ ହୋଇ ପ୍ରତ୍ୟେକ ମଣିଷ ନରରୁ ନାରାୟଣ ହେବାର ସାଧନାରେ ବ୍ରତୀ ହେଉ, ଏହାହିଁ ରଥଯାତ୍ରାର ପ୍ରକୃତ ସନ୍ଦେଶ। ଜୟ ଜଗନ୍ନାଥ ମହାପ୍ରଭୁ।

ଭୁବନେଶ୍ୱର , ମୋ.ନଂ : ୭୯୭୮୪ ୮୭୭୫୪

# ଅବହେଳିତ ଗୋ-ମାତା



ସ୍ନେହା ଦାଶ ତ୍ରିପାଠୀ

ଭାରତୀୟ ସଂସ୍କୃତିରେ ଗାଇ କେବଳ ଏକ ପଶୁ ନୁହେଁ; ସେ ଶ୍ରଦ୍ଧା, କୃତଜ୍ଞତା ଓ ଜୀବନଧାରାର ପ୍ରତୀକ। ବେଦ, ପୁରାଣ ଓ ଅନ୍ୟାନ୍ୟ ହିନ୍ଦୁ ଧର୍ମଗ୍ରନ୍ଥରେ ଗୋମାତାଙ୍କ ମହିମା ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଛି। ଶୈବ ପରମ୍ପରାରେ ପ୍ରଚଳିତ ବିଶ୍ୱାସ ଅନୁଯାୟୀ, ଗୋମାତାଙ୍କ ଶରୀରରେ ବିଭିନ୍ନ ଦେବଦେବୀଙ୍କ ବାସ ରହିଛି। ଏହି ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ ହିଁ ଗୋମାତାଙ୍କୁ ଭାରତୀୟ ଜୀବନଦର୍ଶନରେ 'ମାତା'ର ସମ୍ମାନ ପ୍ରଦାନ କରିଛି। କିନ୍ତୁ ବିଡ଼ମ୍ବନାର ବିଷୟ, ଆଜିର ସମାଜରେ ଏହି ଭାବନା କ୍ରମେ କ୍ଷୀଣ ହେବାରେ ଲାଗିଛି। ଯେଉଁ ଗାଇ ଆମକୁ କ୍ଷୀର, ଦହି, ଘିଅ ଓ କୃଷି ପାଇଁ ଅମୂଲ୍ୟ ସହଯୋଗ ଦେଇଆସିଛି, ସେହି ଗାଇ ଆଜି ରାସ୍ତାକଡ଼ରେ ଅବହେଳିତ ଅବସ୍ଥାରେ ପ୍ଲାଷ୍ଟିକ ଖାଇ ବଞ୍ଚିବାକୁ ବାଧ୍ୟ ହେଉଛି। ଅନ୍ୟପଟେ, ଅନ୍ୟାନ୍ୟ ପୋଷା ଜୀବ ଆଜି ଅନେକ ପରିବାରର ଅବିଚ୍ଛେଦ୍ୟ ସଦସ୍ୟ। ସେମାନଙ୍କ ପାଇଁ ଉନ୍ନତ ଖାଦ୍ୟ, ଚିକିତ୍ସା ଓ ଆରାମଦାୟକ ବ୍ୟବସ୍ଥା କରାଯାଉଛି। ପଶୁପ୍ରତି ସ୍ନେହ ଓ ଯତ୍ନ ନିଶ୍ଚିତ ଭାବେ ପ୍ରଶଂସନୀୟ; କିନ୍ତୁ ପ୍ରଶ୍ନ ହେଉଛି, ଆମ ଜୀବନ ଓ ସଂସ୍କୃତି ସହ ଏତେ ନିବିଡ଼ ଭାବେ ଜଡ଼ିତ ଗୋମାତାଙ୍କୁ କାହିଁକି ଆମେ ବିସ୍ମୃତ କରିଦେଉଛୁ ?

ଗୋମାତାଙ୍କ ଅବଦାନ କେବଳ କ୍ଷୀରରେ ସୀମିତ ନୁହେଁ। ଗୋବର ଉତ୍କୃଷ୍ଟ ଜୈବିକ ସାର ଭାବେ କୃଷିକୁ ସମୃଦ୍ଧ କରେ, ଗୋମୂତ୍ରକୁ ନେଇ ବିଭିନ୍ନ ପାରମ୍ପରିକ ଚିକିତ୍ସା ପ୍ରଣାଳୀରେ ଅଧ୍ୟୟନ ଓ ବ୍ୟବହାର ହୋଇଆସୁଛି, ଏବଂ ଗ୍ରାମୀଣ ଅର୍ଥନୀତିରେ ଗୋସମ୍ପଦର ଭୂମିକା ଦୀର୍ଘଦିନ ଧରି ଗୁରୁତ୍ୱପୂର୍ଣ୍ଣ ରହିଛି। ଏକଦା ପ୍ରାୟ ପ୍ରତ୍ୟେକ ଗ୍ରାମ୍ୟ ପରିବାରରେ ଗୋଶାଳା ଥିଲା। ଆଜି କ୍ଷୀର ଦେବା ବନ୍ଦ ହେଲେ ଅନେକ ଗାଈଙ୍କୁ ରାସ୍ତାରେ ଛାଡ଼ି ଦିଆଯାଉଛି। ଏହା କେବଳ ଅକୃତଜ୍ଞତା ନୁହେଁ, ବରଂ ମାନବିକତାର ମଧ୍ୟ ଅବକ୍ଷୟ। ଏହି ପରିସ୍ଥିତି ପଛରେ କେତେକ ସାମାଜିକ ଓ ଆର୍ଥିକ କାରଣ ରହିଛି। ଗାଈ ବୟସ୍କ ହେବା ପରେ ତାହାର ରକ୍ଷଣାବେକ୍ଷଣକୁ ଅନେକେ ଆର୍ଥିକ ବୋଝ ବୋଲି ଭାବନ୍ତି। ସହରୀକରଣ, କ୍ଷୁଦ୍ର ପରିବାର ବ୍ୟବସ୍ଥା ଓ ବଦଳୁଥିବା ଜୀବନଶୈଳୀ ମଧ୍ୟ ଗୋପାଳନ ପ୍ରତି ଆଗ୍ରହ କମାଇଛି। ଅନ୍ୟପକ୍ଷରେ, ପାଶ୍ଚାତ୍ୟ ଜୀବନଶୈଳୀ ଓ 'ଚରମ୍ପ ଉଙ୍କକ୍ଷମ୍ପଙ୍କସ୍ପର'ର ପ୍ରଭାବ ଦ୍ରୁତ ଗତିରେ ବଢ଼ିଛି। ଏହାର ଅର୍ଥ ଏହା ନୁହେଁ ଯେ କୁକୁରକୁ ଭଲପାଇବା ଭୁଲ; ବରଂ ପ୍ରଶ୍ନ ହେଉଛି, ଏହି ପ୍ରକ୍ରିୟାରେ ଆମେ କି ନିଜ ସାଂସ୍କୃତିକ ଦାୟିତ୍ୱକୁ ବିସ୍ମୃତ କରୁଛୁ ?

ଏହା ସହ ସରକାରୀ ସ୍ତରରେ ଗୋଶାଳାଗୁଡ଼ିକର ସୁଦୃଢ଼ ପରିଚାଳନା, ପଶୁଚିକିତ୍ସା ସେବାର ସମ୍ପ୍ରସାରଣ ଏବଂ ଦେଶୀ ଗୋବଂଶ ସଂରକ୍ଷଣ ଦିଗରେ ଅଧିକ ପ୍ରଭାବଶାଳୀ ପଦକ୍ଷେପର ଆବଶ୍ୟକତା ରହିଛି। ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଗୋସମ୍ପଦର କୃଷି, ପରିବେଶ ଓ ଗ୍ରାମୀଣ ଅର୍ଥନୀତି ପ୍ରତି ଅବଦାନ ସମ୍ପର୍କରେ ବୈଜ୍ଞାନିକ ଓ ସାଂସ୍କୃତିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ଜୈବିକ କୃଷିର ପ୍ରସାର ଏବଂ ଗୋବର ଭିତ୍ତିକ ପ୍ରାକୃତିକ ସାରର ବ୍ୟବହାର ମାଟିର ସ୍ୱାସ୍ଥ୍ୟ ରକ୍ଷାରେ ମଧ୍ୟ ସହାୟକ ହୋଇପାରେ।

ଏକ ସଭ୍ୟ ସମାଜର ପରିଚୟ କେବଳ ତାହାର ଆଧୁନିକତାରେ ନୁହେଁ, ବରଂ ତାହାର କୃତଜ୍ଞତା, ମାନବିକତା ଓ ପରମ୍ପରା ପ୍ରତି ସମ୍ମାନରେ ନିହିତ। ଯେଉଁ ପଶୁ ଶହ ଶହ ବର୍ଷ ଧରି ଆମ ଜୀବନ ଓ ଜୀବିକାର ସହଯାତ୍ରୀ ରହିଛି, ତାହାକୁ ଅବହେଳା କରିବା ଆମ ସାମାଜିକ ଚେତନା ପାଇଁ ଶୁଭ ସଙ୍କେତ ନୁହେଁ।

ଗୋସେବା କେବଳ ଏକ ଧାର୍ମିକ ଆଚାର ନୁହେଁ; ଏହା ପରିବେଶ ସଂରକ୍ଷଣ, ଗ୍ରାମୀଣ ଅର୍ଥନୀତି, ଜୈବିକ କୃଷି ଏବଂ ମାନବିକ ମୂଲ୍ୟବୋଧ ସହ ଜଡ଼ିତ ଏକ ବ୍ୟାପକ ସାମାଜିକ ଦାୟିତ୍ୱ। ଗୋମାତାଙ୍କ ପ୍ରତି ସମ୍ମାନର ଅର୍ଥ ଅନ୍ୟ କୌଣସି ପଶୁ ପ୍ରତି ଅସମ୍ମାନ ନୁହେଁ; ବରଂ ସମସ୍ତ ପ୍ରାଣୀଙ୍କ ପ୍ରତି ଦୟା ଓ ସହାନୁଭୂତି ସହିତ ନିଜ ସଂସ୍କୃତିର ମୂଲ୍ୟବୋଧକୁ ମଧ୍ୟ ଜୀବନ୍ତ ରଖିବା। ତେଣୁ , ଗୋମାତାଙ୍କୁ କେବଳ ପୂଜାର ପ୍ରତୀକ ଭାବେ ନୁହେଁ, ବରଂ ଆମ କୃତଜ୍ଞତା, କରୁଣା ଓ ସଭ୍ୟତାର ପ୍ରତୀକ ଭାବେ ସମ୍ମାନ ଦେବା ଉଚିତ। ତେବେ ହିଁ ଆମେ ଏକ ସୁସ୍ଥ, ସବୁଜ, ସମ୍ବେଦନଶୀଳ ଓ ଆତ୍ମନିର୍ଭରଶୀଳ ଭାରତ ଗଠନର ଦିଗରେ ସାର୍ଥକ ପଦକ୍ଷେପ ନେଇପାରିବା।

ମୋ- ୯୮୨୭୯୫୦୦୬୬

# ରଥଯାତ୍ରା : ଆମ ସଂସ୍କୃତିର ଅମୂଲ୍ୟ ଐତିହ୍ୟ



ସ୍ମିତା ଷଡ଼ଙ୍ଗୀ

ରଥଯାତ୍ରା କେବଳ ଏକ ଧାର୍ମିକ ଆନୁଷ୍ଠାନିକତା ନୁହେଁ; ଏହା ଓଡ଼ିଶାର ଆତ୍ମା, ଭାରତୀୟ ସଂସ୍କୃତିର ଅମୂଲ୍ୟ ଐତିହ୍ୟ ଏବଂ ବିଶ୍ୱ ମାନବତାର ଏକ ଚିରନ୍ତନ ମହାମନ୍ତ୍ର। ଯୁଗ ଯୁଗ ଧରି ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମଣିଷକୁ ଶିଖାଇ ଆସିଛି, ଈଶ୍ୱର କେବଳ ମନ୍ଦିରର ଚାରି କାନ୍ଥ ଭିତରେ ସୀମିତ ନୁହନ୍ତି; ସେ ସ୍ୱୟଂ ତାଙ୍କ ଭକ୍ତଙ୍କ ପାଖକୁ ଆସନ୍ତି, ସମସ୍ତଙ୍କୁ ଆପଣାର କରନ୍ତି। ସେଥିପାଇଁ ରଥଯାତ୍ରା ହେଉଛି ଭକ୍ତ ଓ ଭଗବାନଙ୍କ ମିଳନର ଏକ ଅଦ୍ୱିତୀୟ ମହାପର୍ବ।

ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀକ୍ଷେତ୍ର ପୁରୀର ବଡ଼ଦାଣ୍ଡ ଏକ ଆଧ୍ୟାତ୍ମିକ ସମୁଦ୍ରରେ ପରିଣତ ହୁଏ। ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ନିଜ ନିଜ ରଥ, ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନରେ ବିରାଜମାନ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ଏହି ଯାତ୍ରା କେବଳ ଦେବବିଗ୍ରହଙ୍କ ସ୍ଥାନାନ୍ତର ନୁହେଁ; ଏହା ହେଉଛି କରୁଣାର ଯାତ୍ରା, ପ୍ରେମର ଯାତ୍ରା ଓ ସମଗ୍ର ମାନବ ସମାଜ ପ୍ରତି ଭଗବାନଙ୍କ ଅକୃତ୍ରିମ ସ୍ନେହର ପ୍ରକାଶ। ରଥଯାତ୍ରାର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ସର୍ବଜନୀନତା। ଏଠାରେ ଧର୍ମ, ଜାତି, ବର୍ଣ୍ଣ, ଭାଷା, ଧନୀ-ଦରିଦ୍ର, ଉଚ୍ଚ-ନୀଚର କୌଣସି ଭେଦରେଖା ନାହିଁ। ରଥର ଦଉଡ଼ିରେ ହଜାର ହଜାର ହାତ ଏକାଠି ହୁଏ, କିନ୍ତୁ ସେହି ହାତଗୁଡ଼ିକୁ ପରିଚୟ କରାଏ ନାହିଁ ସେମାନଙ୍କର ସାମାଜିକ ସ୍ଥିତି; ପରିଚୟ କରାଏ କେବଳ ଭକ୍ତି। ଏହି ଦୃଶ୍ୟ ମାନବ ସଭ୍ୟତାକୁ ଶିଖାଏ, ଈଶ୍ୱରଙ୍କ ଦୃଷ୍ଟିରେ ସମସ୍ତେ ସମାନ।

ଶ୍ରୀଜଗନ୍ନାଥଙ୍କୁ 'ପତିତପାବନ' ବୋଲି କୁହାଯାଏ। ସେ କେବଳ ଜଣେ ସମ୍ପ୍ରଦାୟର ଦେବତା ନୁହନ୍ତି, ସେ ସମଗ୍ର ବିଶ୍ୱର ପ୍ରଭୁ। ତାଙ୍କର ନାମରେ ହିଁ ରହିଛି ତାଙ୍କର ପରିଚୟ, 'ଜଗନ୍ନାଥ', ଅର୍ଥାତ୍ ଜଗତର ନାଥ। ସେଥିପାଇଁ ଆଜି ପୁରୀର ରଥଯାତ୍ରାର ସୀମା ଓଡ଼ିଶାରେ ସୀମିତ ନାହିଁ; ଭାରତର ବିଭିନ୍ନ ପ୍ରାନ୍ତରୁ ଆରମ୍ଭ କରି ୟୁରୋପ, ଆମେରିକା, ଅଷ୍ଟ୍ରେଲିଆ, ଆଫ୍ରିକା ଓ ଏସିଆର ଅନେକ ଦେଶରେ ମଧ୍ୟ ରଥଯାତ୍ରା ପାଳିତ ହେଉଛି। ଏହା ପ୍ରମାଣ କରେ ଯେ ଜଗନ୍ନାଥ ସଂସ୍କୃତି କୌଣସି ଭୌଗୋଳିକ ସୀମାରେ ବନ୍ଧା ନୁହେଁ; ଏହା ସମଗ୍ର ମାନବ ଜାତିର ସାଂସ୍କୃତିକ ସମ୍ପଦ। ରଥଯାତ୍ରା ଆମକୁ କେବଳ ଧାର୍ମିକ ଆସ୍ଥାର ପାଠ ପଢ଼ାଏ ନାହିଁ; ଏହା ସାମାଜିକ ନ୍ୟାୟ, ସହଅବସ୍ଥାନ, ସେବା, ତ୍ୟାଗ ଓ ନମ୍ରତାର ଶିକ୍ଷା ଦିଏ। ଆଜିର ବିଭାଜିତ, ସଂଘର୍ଷମୟ ଓ ସ୍ୱାର୍ଥପର ସମାଜରେ ରଥଯାତ୍ରାର ବାର୍ତ୍ତା ଅଧିକ ପ୍ରାସଙ୍ଗିକ। ଯେଉଁଠାରେ ମଣିଷ ମଣିଷ ମଧ୍ୟରେ ପ୍ରାଚୀର ସୃଷ୍ଟି କରୁଛି, ସେଠାରେ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଏକ ରଥର ଦଉଡ଼ିରେ ବାନ୍ଧି ଦେଇ କହୁଛନ୍ତି, ମାନବତା ହିଁ ସର୍ବୋଚ୍ଚ ଧର୍ମ। ଓଡ଼ିଶାର ପ୍ରତ୍ୟେକ ସନ୍ତାନଙ୍କ ପାଇଁ ରଥଯାତ୍ରା ଗର୍ବର ବିଷୟ। ଏହା ଆମ



ସଂସ୍କୃତିର ପରିଚୟ, ଆମର ଅସ୍ମିତାର ପ୍ରତୀକ ଏବଂ ବିଶ୍ୱ ଦରବାରରେ ଓଡ଼ିଶାର ଶ୍ରେଷ୍ଠ ପରିଚୟ। ଏହି ମହାପର୍ବର ପବିତ୍ର ପ୍ରେରଣାରେ ଆମେ ସତ୍ୟ, ପ୍ରେମ, ସେବା, ସହିଷ୍ଣୁତା ଓ ମାନବତାର ପଥରେ ଆଗେଇ ଚାଲିବା। ଏହାହିଁ ହେବ ମହାପ୍ରଭୁଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି।

ଜଗନ୍ନାଥ ସଂସ୍କୃତି ଆମକୁ ଶିଖାଏ, ମଣିଷକୁ ଭଲ ପାଅ, ସେବାକୁ ଧର୍ମ ମନେକର, ସମସ୍ତଙ୍କୁ ଆପଣାର କର। ଏହି ବାର୍ତ୍ତା ଯେପର୍ଯ୍ୟନ୍ତ ବଞ୍ଚି ରହିବ, ସେପର୍ଯ୍ୟନ୍ତ ରଥଯାତ୍ରା କେବଳ ଏକ ପର୍ବ ନୁହେଁ, ବରଂ ମାନବତାର ମହାଉତ୍ସବ ହୋଇ ରହିବ। ଜୟ ଜଗନ୍ନାଥ ମହାପ୍ରଭୁ।

ତୁଳସୀପୁର, କଟକ -୮
ମୋବାଇଲ : ୮୯୦୮୯୬୪୯୮୬

## ସଂ ପା ଦ କୀ ୟ

# ଛୁଆଁ-ଅଛୁଆଁର ଶୃଙ୍ଖଳରେ ଶଙ୍ଖୁଆ ମହନି ଭାଇ

ଶଙ୍ଖନାଦ, ଭାରତୀୟ ସଂସ୍କୃତିରେ ଏକ ପବିତ୍ର ମଙ୍ଗଳଧ୍ୱନି। କୌଣସି ଶୁଭ କାର୍ଯ୍ୟର ଆରମ୍ଭ ଶଙ୍ଖଧ୍ୱନି ବିନା ଅସମ୍ପୂର୍ଣ୍ଣ ବୋଲି ମନେ କରାଯାଏ। ବିବାହ, ବ୍ରତ, ଯଜ୍ଞ କିମ୍ବା ଅନ୍ୟ ଯେକୌଣସି ମାଙ୍ଗଳିକ ଅବସରରେ ଆଜି ଡି.ଜେ'ର କୋଳାହଳ ଯେତେ ବି ବଢୁ, ଶଙ୍ଖର ଗମ୍ଭୀର ନାଦ ଓ ତେଲିଙ୍ଗି ବାଇଦର ତୁରୀ, ମହୁରୀ, ଟାଙ୍ଗୁର ସ୍ୱର ଆଜି ବି ସେହି ପରମ୍ପରାକୁ ଜୀବନ୍ତ ରଖିଛି। କିଛିଦିନ ତଳେ ଏମିତି ଏକ ମାଙ୍ଗଳିକ କାର୍ଯ୍ୟକୁ ପରିବାର ସହ ଯାଇଥିଲି। ମଣ୍ଡପ ବାହାରେ ଗୋଟିଏ କୋଣରେ ବସିଥିଲେ ଶଙ୍ଖ ବଜାଉଥିବା ଜଣେ ବ୍ୟକ୍ତି ଏବଂ ତାଙ୍କ ସହ ତେଲିଙ୍ଗି ବାଜା ବଜାଉଥିବା ଆଉ କିଛି କଳାକାର। ମୁଁ ଭିତରକୁ ଯାଉଥିବାବେଳେ ପଛରୁ କେହି ଡାକିଲେ। ଫେରି ଦେଖିଲି, ଶଙ୍ଖୁଆ ଭାଇ ଇସାରା କରୁଛନ୍ତି। ପାଖକୁ ଯାଇ ବୁଝିଲି, ତାଙ୍କର ପିଇବା ପାଣି ଦରକାର। ମୁଁ ଭିତରକୁ ଯାଇ ଗୋଟିଏ ପାଣି ବୋତଲ ସହ ତାଙ୍କ ପାଇଁ ଏକ ଥଣ୍ଡା ପାନୀୟ ଆଣିଲି। ବୋତଲଟି ତାଙ୍କ ହାତକୁ ବଢ଼ାଇବା ମାତ୍ରେ ସେ ହଠାତ୍ ବ୍ୟସ୍ତ ହୋଇ କହିଲେ, "ନା ନା ବାବୁ, ସେଇଠି ତଳେ ଥୋଇ ଦିଅନ୍ତୁ।" ମୁଁ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରିଲି। ସେ ଖୁବ ଧୀର ସ୍ୱରରେ କହିଲେ, ଆପଣ ଯଦି ମୋ ହାତକୁ ଛୁଇଁ ବୋତଲ ଦେବେ, ଆପଣଙ୍କ ଅତିଥିମାନେ ଫେରିଯିବେ। ଆମକୁ ସମସ୍ତେ ଏମିତି ଦୂରରୁ ଖାଇବାକୁ ଦିଅନ୍ତି। ପାରିଶ୍ରମିକ ବେଳେ ବି ହାତକୁ ନ ଛୁଇଁ ଦୂରରୁ ଟଙ୍କା ହାତରେ ପକେଇ ଦିଅନ୍ତି। ଆମ ବାପା-ଅଜାଙ୍କ ସମୟରୁ ଏହି କଥା ଶିଖି ଆସିଛୁ। ଆମେ ବାବୁମାନଙ୍କୁ ଛୁଇଁବା ମନା। ତାଙ୍କ କଥା ଶୁଣି ମୋ ଛାତି ଭିତରେ କେହି ଯେମିତି ନିରବରେ ଛୁରୀ ଚଳାଇଦେଲା। ଏକୋଇଶତମ ଶତାବ୍ଦୀରେ ମଧ୍ୟ ମଣିଷ ମଣିଷକୁ ଛୁଇଁବାକୁ ଭୟ କରୁଛି ! ସମାଜ କେତେ ଆଗକୁ ବଢ଼ିଛି ବୋଲି ଆମେ ଗର୍ବ କରୁଛୁ, କିନ୍ତୁ ମାନସିକତାର ଏହି ଅନ୍ଧକାର ଆଜି ବି ସେମିତି ଅଟୁଟ ରହିଛି। ମୁଁ ତାଙ୍କ ନାଁ ପଚାରିଲି। ସେ କହିଲେ, "ମହନି।" ମୁଁ ଆଉ କିଛି ଭାବିଲି ନାହିଁ। ତାଙ୍କର ସମସ୍ତ ବାରଣକୁ ଅବହେଳା କରି ପାଣି ବୋତଲ ଓ ଥଣ୍ଡା ପାନୀୟ ବୋତଲଟି ତାଙ୍କ ହାତରେ ଜୋର କରି ଧରାଇଦେଲି। ସେ ଭୟରେ ପଛକୁ ହଟୁଥିଲେ, ଯେମିତି ଛୋଟବେଳୁ ମନରେ ପୋତି ଦିଆଯାଇଥିବା ଭୟ ତାଙ୍କୁ ଟାଣି ଧରିଥିଲା। ତା'ପରେ ମୁଁ ତାଙ୍କ କାନ୍ଧରେ ହାତ ରଖି ପାଖରେ ଥିବା ଜଣେ ଅତିଥିଙ୍କୁ କହିଲି, "ଗୋଟିଏ ଫଟୋ ଉଠାଇଦିଅନ୍ତୁ।" ଫଟୋ ଉଠିଗଲା। ମହନି ଭାଇ ହସୁଥିଲେ। କିନ୍ତୁ ସେହି ହସର ଆଢ଼ରେ ଆଖି ଦୁଇଟି ଲୁହରେ ଛଳଛଳ କରୁଥିଲା। ଅଟକି ଅଟକି କହିଲେ, "ବାବୁ, ଆଜି ପର୍ଯ୍ୟନ୍ତ କୌଣସି ବାବୁ ମୋ କାନ୍ଧରେ ହାତ ରଖିନଥିଲେ।" କିଛି କ୍ଷଣ ନୀରବ ରହି ପୁଣି ପଚାରିଲେ, "ବାବୁ, ଆମେ କଣ ହିନ୍ଦୁ ନୁହଁ ?" ମୁଁ ତାଙ୍କୁ କହିଲି, "ହଁ।" ସେ ପୁଣି ପ୍ରଶ୍ନ କଲେ, 'ତାହେଲେ ଆମ ଗାଁ ମନ୍ଦିରକୁ ଆମକୁ ପଶିବାକୁ ଦିଅନ୍ତି ନାହିଁ କାହିଁକି ?" ଏହି ପ୍ରଶ୍ନର ଉତ୍ତର ମୋ ପାଖରେ ନଥିଲା। ମୋ ନୀରବତା ହିଁ ଉତ୍ତର ପାଲଟିଗଲା। ସେଦିନ ମହନି ଭାଇଙ୍କ ଆଖିର ଲୁହ ମୋତେ ବୁଝାଇଦେଲା, ଦାରିଦ୍ର୍ୟ ମଣିଷକୁ ଯେତିକି କଷ୍ଟ ଦିଏ, ତାଠାରୁ ବେଶି କଷ୍ଟ ଦିଏ ଅପମାନ। ପେଟର ଭୋକ ଦିନେ ନା ଦିନେ ମେଣ୍ଟିଯାଏ, କିନ୍ତୁ ସମ୍ମାନର ଭୋକ ସାରାଜୀବନ ମଣିଷକୁ କନ୍ଦାଏ। ମହନି ଭାଇ ଏକା ନୁହଁନ୍ତି। ଆମ ସମାଜରେ ଏମିତି ଅନେକ ମହନି ଭାଇ ଅଛନ୍ତି, ଯେଉଁମାନେ ପ୍ରତିଦିନ ନୀରବରେ ଅପମାନର ବିଷ ପିଇ ବଞ୍ଚୁଛନ୍ତି। ସେମାନଙ୍କ ହାତର ଶଙ୍ଖଧ୍ୱନିରେ ଆମ ଶୁଭକାର୍ଯ୍ୟ ଆରମ୍ଭ ହୁଏ, କିନ୍ତୁ ସେହି ହାତକୁ ଛୁଇଁବାକୁ ଆମେ କୁଣ୍ଠାବୋଧ କରୁଛୁ। ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ ? ଆସନ୍ତୁ, ଆମେ ଧର୍ମର ନାମରେ ନୁହେଁ, ମାନବତାର ନାମରେ ଏକାଠି ହେବା। ଜାତି, ବର୍ଣ୍ଣ, ଛୁଆଁ-ଅଛୁଆଁର ସବୁ କୃତ୍ରିମ ପ୍ରାଚୀର ଭାଙ୍ଗି ମଣିଷକୁ କେବଳ ମଣିଷ ଭାବରେ ସମ୍ମାନ ଦେବା। କାରଣ, ଈଶ୍ୱରଙ୍କ ସୃଷ୍ଟିରେ କେହି ଛୋଟ ନୁହେଁ, କେହି ବଡ଼ ନୁହେଁ। ଛୋଟ ହୁଏ କେବଳ ସେହି ମଣିଷର ଚିନ୍ତାଧାରା, ଯିଏ ଆଜି ବି ମଣିଷକୁ ଛୁଆଁ-ଅଛୁଆଁର ମାପକାଠିରେ ମାପୁଛି।

# ପ୍ରେମ, ପ୍ରଣୟ ଓ ଧୋକ୍କା : ଏକ ବିକୃତ ମାନସିକତା

## ପ୍ରେମ ବଦଳିଛି ନା ମଣିଷର ମାନସିକତା ?



ସନ୍ତୋଷ ମିଶ୍ର

"ପ୍ରେମ ଅନ୍ଧ"—ଏହି କଥାଟି ଆମେ ବହୁ ବର୍ଷ ଧରି ଶୁଣିଆସୁଛୁ। କିନ୍ତୁ ଆଜିର ସମୟରେ ପ୍ରଶ୍ନ ଉଠୁଛି—ପ୍ରେମ ଅନ୍ଧ ହୋଇଛି, ନା ମଣିଷର ବିବେକ ?

ଗତ କିଛି ମାସ ଧରି ଦେଶର ଖବରକାଗଜ ଖୋଲିଲେ ପ୍ରେମର କବିତାଠାରୁ ବେଶି ପ୍ରେମର ଅପରାଧର କାହାଣୀ ଦେଖିବାକୁ ମିଳୁଛି। ମେଘାଳୟରେ ନବବିବାହିତ ରାଜା ରଘୁବଂଶୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ପତ୍ନୀଙ୍କ ବିରୋଧରେ ଉଠିଥିବା ଅଭିଯୋଗ, ପୁଣେରେ ଭାବି ସ୍ୱାମୀଙ୍କ ହତ୍ୟାକୁ ନେଇ ଚର୍ଚ୍ଚିତ ମାମଲା, ଓଡ଼ିଶାରେ ପ୍ରେମ, ସନ୍ଦେହ ଓ ଅବୈଧ ସମ୍ପର୍କକୁ କେନ୍ଦ୍ର କରି ବାରମ୍ବାର ସାମ୍ନାକୁ ଆସୁଥିବା ହତ୍ୟା, ଆତ୍ମହତ୍ୟା ଓ ବ୍ଲାକମେଲର ଘଟଣା—ଏସବୁ ଘଟଣା ସମାଜକୁ ନଡ଼ାଇ ଦେଇଛି। ପ୍ରତ୍ୟେକ ମାମଲାର ଆଇନଗତ ସତ୍ୟ ଅଦାଲତ ସ୍ଥିର କରିବ। କିନ୍ତୁ ଏହି ସବୁ ଘଟଣା ଆମ ସମାଜ ସମ୍ମୁଖରେ ଗୋଟିଏ କଠିନ ପ୍ରଶ୍ନ ଛାଡ଼ି ଯାଇଛି—ସମ୍ପର୍କର ଭିତ୍ତି କେଉଁଠି ଦୁର୍ବଳ ହେଉଛି ?

ଏକଦା ପ୍ରେମର ଅର୍ଥ ଥିଲା ସମର୍ପଣ। ତ୍ୟାଗ। ଅପେକ୍ଷା। ବିଶ୍ୱାସ। ଆଜି ଅନେକ ସମ୍ପର୍କରେ ସେହି ସ୍ଥାନ ନେଇଛି ଅଧିକାରବୋଧ, ସନ୍ଦେହ, ତୁଳନା ଓ ସ୍ୱାର୍ଥ। ସମ୍ପର୍କ ଆଉ ଦୁଇଟି ହୃଦୟର ମିଳନ ନୁହେଁ; ଅନେକ ସମୟରେ ତାହା ଦୁଇଟି ଅହଂକାରର ସଂଘର୍ଷରେ ପରିଣତ ହେଉଛି।

ମନୋବିଜ୍ଞାନ କହେ, ଜଣେ ମଣିଷ ଯେତେବେଳେ ଅନ୍ୟ ଜଣଙ୍କୁ ଭଲପାଇବାର ବ୍ୟକ୍ତି ନୁହେଁ, ବରଂ ନିଜ ଇଚ୍ଛା ପୂରଣର ସାଧନ ବୋଲି ଭାବିବା ଆରମ୍ଭ କରେ, ସେତେବେଳେ ସମ୍ପର୍କର ଅବକ୍ଷୟ ଆରମ୍ଭ ହୁଏ। ସେଠାରେ ସଂଳାପର ସ୍ଥାନ ନିଏ ନୀରବତା, ବିଶ୍ୱାସର ସ୍ଥାନ ନିଏ ସନ୍ଦେହ, ଆଉ ସମ୍ମାନର ସ୍ଥାନ ନିଏ ନିୟନ୍ତ୍ରଣର ଇଚ୍ଛା।

ଏହି ପ୍ରବୃତ୍ତି କୌଣସି ଗୋଟିଏ ଲିଙ୍ଗର ନୁହେଁ। ପୁରୁଷ ହେଉ କି ନାରୀ—ସ୍ୱାର୍ଥ, ପ୍ରତିଶୋଧ, ଲୋଭ ଓ ଅହଂକାର ଯେତେବେଳେ ବିବେକ ଉପରେ ହାବି ହୁଏ, ସେତେବେଳେ ପ୍ରେମ ଅପରାଧରେ ପରିଣତ ହେବାକୁ ସମୟ ଲାଗେନାହିଁ। ଅପରାଧର କୌଣସି ଲିଙ୍ଗ ନାହିଁ; ଅପରାଧର ଥାଏ କେବଳ ଏକ ବିକୃତ ମାନସିକତା।

କିନ୍ତୁ ଦୁଃଖର ବିଷୟ, ଆମେ ଘଟଣାର ବିଶ୍ଳେଷଣ କମ୍ କରୁ, ଲିଙ୍ଗର ବିଚାର ବେଶି କରୁ। ଜଣେ ନାରୀଙ୍କ ବିରୋଧରେ ଅଭିଯୋଗ ଆସିଲେ ସମଗ୍ର ନାରୀ ସମାଜକୁ ପ୍ରଶ୍ନ କରୁ; ଜଣେ ପୁରୁଷ ଅପରାଧ କଲେ ସମଗ୍ର ପୁରୁଷ ସମାଜକୁ କାଠଗଡ଼ାରେ ଠିଆ କରୁ। ଏହି ପ୍ରବୃତ୍ତି ଆମକୁ ସମସ୍ୟାର ମୂଳ କାରଣଠାରୁ ଦୂରେଇ ଦିଏ।

ଆମ ଶିକ୍ଷା ବ୍ୟବସ୍ଥା ପିଲାମାନଙ୍କୁ ଡାକ୍ତର, ଇଞ୍ଜିନିୟର, ପ୍ରଶାସକ ହେବା ଶିଖାଉଛି; କିନ୍ତୁ ସମ୍ପର୍କରେ କିପରି ପରିପକ୍ୱ ହେବା, ପ୍ରତ୍ୟାଖ୍ୟାନକୁ କିପରି ସମ୍ମାନର ସହ ଗ୍ରହଣ କରିବା, କ୍ରୋଧକୁ କିପରି ନିୟନ୍ତ୍ରଣ କରିବା—ସେହି ଶିକ୍ଷା ଆମେ ଦେଉନାହୁଁ। ସୋସିଆଲ୍ ମିଡ଼ିଆର ଯୁଗରେ ତୁରନ୍ତ ଆକର୍ଷଣ ବଢୁଛି, କିନ୍ତୁ ଧୈର୍ଯ୍ୟ କମୁଛି। ସମ୍ପର୍କ ଗଢ଼ିବା ସହଜ ହେଉଛି, କିନ୍ତୁ ତାହାକୁ ବଞ୍ଚାଇ ରଖିବା କଠିନ ହେଉଛି।

ଶେଷରେ ପ୍ରଶ୍ନଟି ପୁଣି ସେଇଠିକୁ ଫେରିଆସେ—



ସମସ୍ୟା ପ୍ରେମର ନା ମଣିଷର ?

ପ୍ରେମ କେବେ ହତ୍ୟା ଶିଖାଏ ନାହିଁ। ପ୍ରେମ କେବେ ପ୍ରତାରଣା ଶିଖାଏ ନାହିଁ। ପ୍ରେମ ଶିଖାଏ ସମ୍ମାନ, ସହାନୁଭୂତି ଓ ମୁକ୍ତି। ଯେଉଁଠି ଅହଂକାର, ଲୋଭ ଓ ପ୍ରତିଶୋଧ ପ୍ରବେଶ କରେ, ସେଠି ପ୍ରେମ ବହୁ ପୂର୍ବରୁ ମରିସାରିଥାଏ; ବଞ୍ଚି ରହିଥାଏ କେବଳ ତାହାର ମୁଖା।

ସମାଜ ଭାବରେ ଆମର ଲଢ଼େଇ ନାରୀ କିମ୍ବା ପୁରୁଷଙ୍କ ବିରୋଧରେ ନୁହେଁ; ସେହି ମାନସିକତା ବିରୋଧରେ ହେବା ଉଚିତ, ଯାହା ଭଲପାଇବାକୁ ସ୍ୱାର୍ଥରେ, ସମ୍ପର୍କକୁ ସନ୍ଦେହରେ ଏବଂ ମଣିଷକୁ ଅପରାଧୀରେ ପରିଣତ କରିଦିଏ।

କାରଣ ବିଶ୍ୱାସ ଭାଙ୍ଗିବା ପୂର୍ବରୁ ପ୍ରେମ ମରିଯାଏ, ଆଉ ବିବେକ ମରିଗଲେ ମଣିଷ ଅପରାଧୀ ହୋଇଯାଏ।

(ମତାମତ ଲେଖକଙ୍କ ନିଜସ୍ୱ)

ମୋ : ୮୪୨୦୦ ୧୬୪୫୦




**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ୍) : ୯୦୯୦୨୨୫୩୫୩
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଉତ୍କର୍ଷ ଓ ଗୁଣାତ୍ମକ ଶିକ୍ଷାର ଏକ ଅନନ୍ୟ ପରିଚୟ : ସୋଆ

ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଗର୍ବ ଭାବେ ପରିଚିତ ଶିକ୍ଷା 'ଓ' ଅନୁସନ୍ଧାନ (SOA) ଆଜି କେବଳ ରାଜ୍ୟର ନୁହେଁ, ସମଗ୍ର ଦେଶର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ସ୍ୱୀକୃତି ଲାଭ କରିଛି। ଦୀର୍ଘ ବର୍ଷର ନିଷ୍ଠା, ଗୁଣାତ୍ମକ ଶିକ୍ଷାଦାନ, ଅଭିନବ ଗବେଷଣା ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ଯୋଗୁଁ ଏହି ଅନୁଷ୍ଠାନ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ମାନ୍ୟତା ଅର୍ଜନ କରିଛି। 'ସୋଆ'ର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ଶିକ୍ଷାର ଗୁଣବତ୍ତା ଓ ଗବେଷଣାମୂଳକ ପରିବେଶ। ଇଞ୍ଜିନିୟରିଂ, ଚିକିତ୍ସା ବିଜ୍ଞାନ, ଦନ୍ତ ଚିକିତ୍ସା, ନର୍ସିଂ, ଫାର୍ମାସି, ପରିଚାଳନା, ଆଇନ, କୃଷି ଏବଂ ବିଭିନ୍ନ ବୈଷୟିକ ବିଭାଗରେ ଉଚ୍ଚମାନର ଶିକ୍ଷା ପ୍ରଦାନ କରି ଏହା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିଆସୁଛି। ଅତ୍ୟାଧୁନିକ ପରୀକ୍ଷାଗାର, ଅଭିଜ୍ଞ ଅଧ୍ୟାପକମଣ୍ଡଳୀ, ଆଧୁନିକ ଭିତ୍ତିଭୂମି ଏବଂ ଶିଳ୍ପ ସଂସ୍ଥା ସହ ସହଭାଗିତା ଏହାକୁ ଅନ୍ୟ ଅନୁଷ୍ଠାନଠାରୁ ସ୍ୱତନ୍ତ୍ର କରିଛି। ଶିକ୍ଷା ସହିତ ଗବେଷଣା, ନବସୃଜନ, ଉଦ୍ୟୋଗ ସୃଷ୍ଟି ଏବଂ ସାମାଜିକ ସେବାକୁ ସମାନ ଗୁରୁତ୍ୱ ଦେବା 'ସୋଆ'ର ମୂଳ ଦର୍ଶନ। ଜାତୀୟ ମୂଲ୍ୟାଙ୍କନ, NAAC ମାନ୍ୟତା ଏବଂ ବିଭିନ୍ନ ସଫଳତା ଏହି ଅନୁଷ୍ଠାନର ଉତ୍କର୍ଷକୁ ପ୍ରମାଣିତ କରେ। ଏଠାରୁ ଶିକ୍ଷାଲାଭ କରିଥିବା ଅନେକ ଛାତ୍ରଛାତ୍ରୀ ଦେଶ ଓ ବିଦେଶର ନାମୀଦାମୀ ସଂସ୍ଥାରେ ସଫଳତାର ସହ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ମାଟିରୁ ଆରମ୍ଭ ହୋଇ ଆଜି ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିଥିବା 'ସୋଆ' ପ୍ରମାଣ କରିଛି ଯେ, ଗୁଣାତ୍ମକ ଶିକ୍ଷା, ଦୂରଦର୍ଶୀ ନେତୃତ୍ୱ ଓ ନିରନ୍ତର ପ୍ରୟାସ ଥିଲେ କୌଣସି ଅନୁଷ୍ଠାନ ଉତ୍କର୍ଷର ଶିଖରରେ ପହଞ୍ଚିପାରେ। ଉଚ୍ଚଶିକ୍ଷା କ୍ଷେତ୍ରରେ 'ସୋଆ' ଆଜି ଓଡ଼ିଶାର ଗର୍ବ, ଭାରତର ଗୌରବ ଏବଂ ଆଗାମୀ ପିଢ଼ି ପାଇଁ ଏକ ପ୍ରେରଣାର ନାମ।



**- କୈଳାସ ଚନ୍ଦ୍ର ଶତପଥୀ - ମୁଖ୍ୟ ସମ୍ପାଦକ**

# ଆଦର୍ଶ, ଗବେଷଣାତ୍ମକ ଓ ଉତ୍କର୍ଷତାର ପ୍ରତୀକ : ସୋଆ

ଭୁବନେଶ୍ୱରସ୍ଥିତ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ଆଜି ଦେଶର ଅଗ୍ରଣୀ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଉନ୍ନତ ଶିକ୍ଷାଦାନ, ଗବେଷଣା, ନବସୃଜନ ଏବଂ ସମାଜସେବା କ୍ଷେତ୍ରରେ ଏହାର ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସମ୍ମାନ ଲାଭ କରିଛି। ବିଭିନ୍ନ ଜାତୀୟ ମାନ୍ୟତା, ଉଚ୍ଚ ମାନଦଣ୍ଡ, ଅଭିଜ୍ଞ ଅଧ୍ୟାପକ, ଅତ୍ୟାଧୁନିକ ପରୀକ୍ଷାଗାର ଓ ଛାତ୍ରଛାତ୍ରୀ-କୈନ୍ଦ୍ରିକ ଶିକ୍ଷା ବ୍ୟବସ୍ଥା 'ସୋଆ'କୁ ଏକ ଆଦର୍ଶ ଅନୁଷ୍ଠାନରେ ପରିଣତ କରିଛି। ଇଞ୍ଜିନିୟରିଂ, ଚିକିତ୍ସା, ନର୍ସିଂ, ଫାର୍ମାସି, ପରିଚାଳନା, ଆଇନ ଓ ଅନ୍ୟାନ୍ୟ ବିଷୟରେ ଏହାର ଶିକ୍ଷାକ୍ରମ ଦେଶ-ବିଦେଶର ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରୁଛି। କେବଳ ଡିଗ୍ରୀ ପ୍ରଦାନ ନୁହେଁ, ଜ୍ଞାନ, ଦକ୍ଷତା ଓ ମାନବିକ ମୂଲ୍ୟବୋଧର ବିକାଶ ମାଧ୍ୟମରେ ଦକ୍ଷ ମାନବ ସମ୍ପଦ ସୃଷ୍ଟି କରିବା ଝଙ୍ଗଇର ପ୍ରମୁଖ ଲକ୍ଷ୍ୟ। ଏହି ସଫଳତା ଓଡ଼ିଶା ପାଇଁ ଗର୍ବର ବିଷୟ ଏବଂ ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରକୁ ଏକ ନୂତନ ଉଚ୍ଚତାରେ ପହଞ୍ଚାଇଛି।

**- ଜ୍ଞାନ ରଞ୍ଜନ ମିଶ୍ର - ସମ୍ପାଦକ**







# ରଥଯାତ୍ରାରେ ପାନୀୟ ଓ ଆଇସକ୍ରିମ୍ ବଣ୍ଟନ

**କଟକ (ଭିଓଭି) :** ପବିତ୍ର ରଥଯାତ୍ରା ଅବସରରେ ଦୋଳମୁଣ୍ଡାଇ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଶନିବାର ଆଡ଼ପ ମଣ୍ଡପ ବିଜେ ନୀତି ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ଏହି ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଉପଲକ୍ଷେ ଭକ୍ତମାନଙ୍କ ସେବା ଉଦ୍ଦେଶ୍ୟରେ ରୋଟାରି କ୍ଲବ କଟକ କ୍ୟାଣ୍ଟନମେଣ୍ଟ ପକ୍ଷରୁ ନିଶୁଳ୍କ ପାନୀୟ ଜଳ ଓ ଆଇସକ୍ରିମ୍ ବଣ୍ଟନ କରାଯାଇଥିଲା। ରଥଯାତ୍ରା ଅବସରରୁ ଆରମ୍ଭ ହୋଇଥିବା ଏହି ସେବା କାର୍ଯ୍ୟକ୍ରମ ଆଡ଼ପ ମଣ୍ଡପ ବିଜେ ଦିନରେ ମଧ୍ୟ ଜାରି ରହିଥିଲା। ଶହ ଶହ ଭକ୍ତ ଏହି ସେବାର ସୁଯୋଗ ନେଇଥିବା ବେଳେ ରୋଟାରି କ୍ଲବ ସ୍ୱେଚ୍ଛାସେବୀମାନଙ୍କ ଏହି ମାନବିକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଆୟୋଜକମାନେ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଆଧ୍ୟାତ୍ମିକ ଉତ୍ସବ ନୁହେଁ, ବରଂ ସେବା ଓ ସମର୍ପଣର ମଧ୍ୟ ଏକ ମହାପର୍ବ। ଭକ୍ତମାନଙ୍କୁ ସାମାନ୍ୟ ସେବା ଯୋଗାଇବା ହିଁ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଦୋଳମୁଣ୍ଡାଇର ପାରମ୍ପରିକ ରଥଯାତ୍ରା ସମ୍ପ୍ରଦାୟିକ ସଦ୍ ?ଭାବ ଓ ସାମାଜିକ ସମନ୍ୱୟର ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ପରିଚିତ। ପ୍ରତିବର୍ଷ ବିଭିନ୍ନ ସମ୍ପ୍ରଦାୟର ଲୋକ ଏହି ଉତ୍ସବରେ ସାମିଲ ହୋଇ ସେବା ଓ ସହଯୋଗର ମନୋଭାବକୁ ସୁଦୃଢ଼ କରିଥାନ୍ତି। ଏହି ସେବା କାର୍ଯ୍ୟକ୍ରମରେ ସଫ୍ଟି ଆଇସକ୍ରିମ୍ ସତ୍ୱାଧୀକାରୀ ପ୍ରଦ୍ୟୁମ୍ନ ସାହୁ, କ୍ଲବ୍ ସଭାପତି ଜ୍ୟୋତି ରଞ୍ଜନ ଲେଙ୍କା, ସମ୍ପାଦକ ସାଦ ହାସମୀ, ବିଶ୍ୱଜିତ ସେନାପତି, ଶୁଭ୍ରା ମହାନ୍ତି, ସ୍ୱସ୍ମିତ ସାମଲ, ଜାଭେଦ ଇକବାଲ, ମନିଷ ଶର୍ମା, ସୁବାସ ଆଚାର୍ଯ୍ୟ, ସାକିବ ରାଜକ, ନମିତା ମିଶ୍ର, ସୁଜିତ ଜେନା, କ୍ରିଷ୍ଣା ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.... ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରରେ...

ଶ୍ରୀମନ୍ଦିର ନିକଟବର୍ତ୍ତୀ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ କି, ସକାଳୁ ଗାଧୋଇ ଶ୍ରୀମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ ନ କରିବା ଯାଏ ଅନ୍ନଜଳ ସ୍ପର୍ଶ କରନ୍ତି ନାହିଁ। ଅନେକ ଲୋକ ବି ଅଛନ୍ତି ଯେଉଁମାନେ ଦିନଯାକର କର୍ମକ୍ଲାନ୍ତ ପରେ ରାତ୍ରିରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଥାଆନ୍ତି ବା ଭଜନ କୀର୍ତନ କରିଥାନ୍ତି। କାହାର ଭଲମନ୍ଦ କିଛି ହେଲେ ଶ୍ରୀମନ୍ଦିର ଯାଇ ପ୍ରଭୁଙ୍କ ପାଖରେ ଗୁହାରୀ କରି ଶୁଭ ମନାସି ଦୀପଟିଏ ବସାଇ ଦେଇ ଆସନ୍ତି। ପୁରୀର ସ୍ଥାନୀୟ ଲୋକଙ୍କର ଏମିତି ଅନେକ ଦୈନନ୍ଦିନ କାର୍ଯ୍ୟରେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ଆବଶ୍ୟକ ପଡ଼ିଥାଏ। ଏହା କେବଳ ଆଜି କାଲିର ଆବଶ୍ୟକତା ନୁହେଁ, କାହିଁ କେଉଁ କାଳରୁ ପୁରୀ ବାସୀଙ୍କର ଶ୍ରୀମନ୍ଦିର ସହିତ ଦୈନନ୍ଦିନ ଚଳଣୀର ଏ ନିବିଡତା ରହି ଆସିଛି। କାଳକ୍ରମେ ଏହା ମଧ୍ୟ ସ୍ଥାନୀୟ ଲୋକଙ୍କର ଶ୍ରୀମନ୍ଦିର ପ୍ରବେଶ ଅଧିକାରରେ ପରିଣତ ହୋଇ ଯାଇଛି। ପୁରୀରେ ଥିବା ଶହ ଶହ ମଠମାନଙ୍କରେ ଅବସ୍ଥାନ କରୁଥିବା ସାଧୁ ସନ୍ୟାସୀ ମାନଙ୍କ କଥା ତ ଅଲଗା।




ବେଳକୁ ବେଳ ଭକ୍ତ ମାନଙ୍କର ଆଗମନ ବଢ଼ିବା ଦ୍ୱାର ପୂର୍ବ ସରକାର ବ୍ୟାରିକେଡ କରିବା ପରେ ପୁରୀର ସ୍ଥାନୀୟ ଲୋକମାନଙ୍କର ଶ୍ରୀମନ୍ଦିର ପ୍ରବେଶ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବରୁ ପୁରୀ ବାସୀଙ୍କ ନିମନ୍ତେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ପଟେ ପ୍ରବେଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରା ଯାଇଥିଲା। ସ୍ଥାନୀୟ ଅଧିବାସୀ ପୁରୀ ସହରର ଲୋକମାନେ ନିଜ ନିଜର ପରିଚୟ ପତ୍ର ଦେଖାଇ ଶ୍ରୀମନ୍ଦିରକୁ ସହଜରେ ପ୍ରବେଶ କରି ପାରୁଥିଲେ। ମାତ୍ର ହଠାତ୍ ଏହି ପ୍ରବେଶ ବ୍ୟବସ୍ଥା ବନ୍ଦ ହୋଇଯିବା ଯୋଗୁଁ ପୁରୀ ବାସୀ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ବାହାର ଲୋକଙ୍କ ପରି ସେମାନଙ୍କୁ ଧାଡ଼ିରେ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି। ଅନେକ ତ ଦୁଇ ତିନି ବର୍ଷ ଧରି ଦର୍ଶନ କରିବାକୁ ଯାଇ ନାହାନ୍ତି ବୋଲି କ୍ଷୋଭର ସହିତ ପ୍ରକାଶ କରିଛନ୍ତି।

ପୂର୍ବପରି ଶ୍ରୀମନ୍ଦିରରେ ପୁରୀ ବାସୀଙ୍କ ସ୍ୱତନ୍ତ୍ର ପ୍ରବେଶ ବ୍ୟବସ୍ଥା ପାଇଁ ଦାବୀ ଜୋର ଧରିଛି। ଜନ ଅସନ୍ତୋଷ ଦିନକୁ ଦିନ ବଢ଼ି ଚାଲିଛି। ପୁରୀର ସଚେତନ ନାଗରିକ ୨୦୨୬ ମସିହା ଏପ୍ରିଲ୍ ୧ତାରିଖ ଉତ୍କଳ ଦିବସ ଠାରୁ ପ୍ରତ୍ୟେହ ଆନ୍ଦୋଳନ ଜାରି ରଖିଛନ୍ତି। ସ୍ଥାନୀୟ ଅଧିବାସୀଙ୍କ ପ୍ରତିବାଦ ଶୋଭାଯାତ୍ରା ପ୍ରତ୍ୟେହ ବଳଗଣ୍ଡି ସ୍ଥିତ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇ ବିଭିନ୍ନ ଶ୍ଲୋଗାନ ଦେଇ ଶ୍ରୀମନ୍ଦିର ସିଂହଦ୍ୱାର ଯାଏ ଯାଉଛି। ସ୍ଥାନୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଆଇନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଯାଇ ପୁରୀ ବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଅଧିକାରକୁ ମର୍ଯ୍ୟାଦା ଦେଇ ସ୍ୱତନ୍ତ୍ର ପ୍ରବେଶ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି ମାତ୍ର କିନ୍ତୁ ପରିତାପର ବିଷୟ ଶ୍ରୀମନ୍ଦିର ପରିଚାଳନା କମିଟି ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ କିମ୍ବା ପୋଲିସ୍ ପ୍ରଶାସନ ର କୌଣସି ଜଣେ ହେଲେ ଅଧିକାରୀ ଆଜି ପର୍ଯ୍ୟନ୍ତ ପ୍ରତିବାଦକାରୀ ମାନଙ୍କ ସହିତ ଆଲୋଚନା କରି ନାହାନ୍ତି।

ବାହାର ଲୋକଙ୍କ ପରି ପୁରୀର ସ୍ଥାନୀୟ ବାସିନ୍ଦାଙ୍କୁ ଘଂଟା ଘଂଟା ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି। କିନ୍ତୁ ଅନ୍ୟ ପକ୍ଷରେ ବେଶୀ ଟଙ୍କା ଥିଲା ବାଲା, ବଡ ବ୍ୟବସାୟୀ, ନେତା, ମନ୍ତ୍ରୀ, ପୋଲିସ୍ ବାଲା ବା ବଡ଼ ଅଧିକାରୀ ବା ସେମାନଙ୍କ ପରିବାର ବା ସମ୍ପର୍କୀୟ, ପଣ୍ଡା ବା ସେବାୟତଙ୍କ ଯାତ୍ରୀ ଆଦି ଙ୍କୁ ପ୍ରୋଟୋକଲ ଦର୍ଶନ ନାମରେ ଅନ୍ୟ ରାସ୍ତାରେ ଖୁବ୍ ସହଜରେ ଦର୍ଶନ ବ୍ୟବସ୍ଥା କରାଇ ଦିଆଯାଉଛି ଅନେକ ବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି।

## ମଣିମା ଶୁଣିମା ହେଉ...


Lok Unnati Sangathan
@LokUnnati
Translated from Odia Show original
District - Balangir Block - Saintala Panchayat/ Gram Panchayat Deng, Gram Dhunakeda Name Kailash Selama to be provided with one house under the Pradhan Mantri Awas Yojana after appropriate investigation Request to @CollectorBgr @bdosaintal28090.
@MoRD_GOI
#PMAYOdisha
#HousingForAllOdisha
Rate this translation:


Sanjib Biswal
@Sanjib_Biswal__
Widow lady Luchana Tandi from Jhankrip… Belpada block, Balangir is homeless as h… house collapsed many years ago and livi… in her meternal home with 2 children. Ple… provide PMAY house.
@CMO_Odisha @SecyChief @CollectorB… @SDM_PATNAGARH @BBelpada @MohanMOdisha


Show translation
@PWD_Odisha @PrithivirajBJP @CMO_Odisha @BJDITCell @Chhabimalikbjp


12 Baje 12 minute
@12_baje
A landslide has badly damaged the road… leading to Siripur village under Bijapur… Panchayat, Chandrapur Block, Rayagad… district, disrupting daily life for local res… The damaged road is affecting access t… schools, healthcare facilities, markets, … other essential services.

We appeal to the concerned authorities… undertake urgent repair work and resto… safe road connectivity for the villagers … earliest.

#RoadConnectivity #RuralInfrastructur… #RayagadaChallenge #GrassrootsActi…

@DM_Rayagada @RabiNaikBJP @bdochandrapur @CMO_Odisha @RDOdisha @PWD_Odisha


Laxminarayan Kanun…
@lkanungo
BJP leaders often accuse… “China-funded” or “trait… they agree to public fund…
@PMOIndia
@RahulGandhi
@narendramodi
@navikakumar
@RShivshankar
@rahulkanwal

# ରାଜ-ରଣପୁର : କିଛି ଅନାବୃତ କଥା (୫)



ଚିତ୍ତରଂଜନ ଲାଲ୍

ରଣପୁର ଜଗନ୍ନାଥଙ୍କର ରଥ ଯାତ୍ରା ସାରା ବିଶ୍ୱରେ, ପୁରୀ ରଥଯାତ୍ରା ପରେ ଦ୍ୱିତୀୟ ଏଥିରେ କିଛି ଦ୍ୱିମତ ନାହିଁ।

ସେ ସମୟରେ ଓଡ଼ିଶାରେ ବାରିପଦା (ମୟୂରଭଞ୍ଜ) ରାଜା, କେଉଁଝର ରାଜା, ପାରଳା ରାଜା, ଢେଙ୍କାନାଳ ରାଜା, ବଲାଙ୍ଗୀର ରାଜା, ପାଟଣାଗଡ ରାଜା ଓ ଅନ୍ୟାନ୍ୟ ଗଡ଼ଜାତ ରାଜାମାନେ ମହାପ୍ରଭୁଙ୍କର ବିଗ୍ରହ ମାନଙ୍କୁ ମନ୍ଦିର ନିର୍ମାଣ କରି ପୂଜା କରୁଥିଲେ । କିମ୍ବଦନ୍ତୀ କୁହେ ରାଜ-ରଣପୁର ଗଡର ରାଜା ଉଦ୍ଧବ ସିଂହ ପୁରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପୁରୀ ଯାଉଥିଲେ । ବାଟରେ ରାଜ ଜଙ୍ଗିଆ ପାଖରେ ନଇବଢ଼ି ହୋଇଥିବାରୁ ପୁରୀ ଯାଇପାରିଲେ ନାହିଁ । ରାଜା ପ୍ରଭୁଙ୍କୁ ଦର୍ଶନ ନକରି ଦୁଃଖରେ ମ୍ରିୟମାଣ ହୋଇ କଳ୍ପବଟ ମୂଳରେ ଅଧିଆ ପଡ଼ିଲେ । ସେପଟେ ପୁରୀରେ ଗଜପତି ମହାରାଜାଙ୍କୁ ସ୍ୱପ୍ନ ହେଲା। ତା'ପରେ ପୁରୀର ଗଜପତି ରଣପୁରର ରାଜା ଉଦ୍ଧବ ସିଂହଙ୍କ ମୁଣ୍ଡରେ ପଗଡ଼ି ବାନ୍ଧି ମହାପ୍ରଭୁ ଜଗନ୍ନାଥଙ୍କ ୧୬ କଳାରୁ ଏକ କଳା ପ୍ରଦାନ କଲେ ।

ପୁରୀ ଜଗନ୍ନାଥଙ୍କର ଷୋଳକଳାରୁ ଗୋଟିଏ କଳା ରଣପୁର ରାଜାଙ୍କୁ ମିଳିବା ପରେ ରଣପୁରରେ ମନ୍ଦିର ପୁରୀ ଢାଞ୍ଚାରେ ନିର୍ମାଣ କରାଯାଇ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ପୂଜା କରାଗଲା ଏବଂ ପୁରୀର ବଡ଼ଦାଣ୍ଡ ସଦୃଶ୍ୟ ରଣପୁରର ବଡ଼ଦାଣ୍ଡ, ଗୁଣ୍ଡିଚା ଘର, ଚନ୍ଦନ ପୋଖରୀ, ମହାଦେବଙ୍କର ଅନେକ ମନ୍ଦିର, ଗ୍ରାମଦେବତୀ, ରାଜାଙ୍କର ଇଷ୍ଟ ଦେବୀ ମା ମଣିନାଗ ଦୁର୍ଗା ଓ ଅନେକ ଦେବୀ ଦେବତାଙ୍କ ମନ୍ଦିର ସବୁ ମଧ୍ୟ ଅଛି। ସେତେବେଳେ ରଣପୁରରେ ୫ଗୋଟି ରଥ ନିର୍ମାଣ ହେଉଥିଲା ଅନ୍ୟ ଦୁଇଗୋଟି ରଥରେ ରଜାଘର ଠାକୁର ଯାଉଥିଲେ ଏବଂ ଅନ୍ୟ ତିନିଗୋଟି ରଥରେ ତିନି ଠାକୁର ବିରାଜମାନ ହେଉଥିଲେ।

ରାଜା ନିଜେ ରଥରେ ଛେରା ପହରା କରନ୍ତି । ପୁରୀ ଢାଞ୍ଚାରେ ରଣପୁରରେ ମନ୍ଦିରର ପଣ୍ଡା, ରଥର ଡାହୁକ ଏବଂ ସମସ୍ତ ପ୍ରକାରର ସେବକ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ସମସ୍ତଙ୍କୁ ରାଜାଘର ତରଫରୁ ଜାଗିରି (ଚାଷ ଜମି) ଦିଆଯାଇଅଛି । ସେମାନେ ପିଢି ପରେ ପିଢ଼ି ମନ୍ଦିର କାର୍ଯ୍ୟରେ ନିୟୋଜିତ ହୋଇଅଛନ୍ତ । ରାଜାଙ୍କ ଶାସନ ସମୟରୁ ରଣପୁରରେ ୧୨ଗୋଟି ସାହି ଥିଲା । ବଢ଼େଇସାହିର ବଢ଼େଇମାନେ ରଥ ନିର୍ମାଣ କରିଥାନ୍ତି । ସେମାନେ ସବୁ ଉଚ୍ଚକୋଟିର କାରିଗର।

ଦେଶ ସ୍ୱାଧୀନତା ପାଇବା ପରେ ସରକାର (ଦେବତ୍ୱର ବିଭାଗ) ମନ୍ଦିରର ରକ୍ଷଣାବେକ୍ଷଣ ଏବଂ ରଥ ନିର୍ମାଣ ସବୁ ହାତକୁ ନେଇଯାଇଛନ୍ତି । ରଣପୁରରେ ଚାରିଗୋଟି ପୁରାତନ ମଠ ଅନାଦି କାଳରୁ ଅଛି । ଏହି ମଠ ସବୁ ହେଉଅଛି, ଜଗନ୍ନାଥ ମନ୍ଦିର ପାଖରେ ବଡ ମଠ, ବଡ଼ଦାଣ୍ଡରେ ଚୈତନ୍ୟ ମଠ, ଦଧିବାମନ ମଠ ଏବଂ ପୁରୁଣା ବସନ୍ତରେ ପୁରୁଣା ବସନ୍ତ ମଠ।

ରଣପୁରର ରାଜା ଶ୍ରୀ ବନମାଳୀ ନରେନ୍ଦ୍ର ପୁରୀ ଜଗନ୍ନାଥ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଥିବା ରାମ ଲକ୍ଷ୍ମଣ ମନ୍ଦିର ନିର୍ମାଣ କରିଥିଲେ। ରଣପୁରର ୯୬ତମ ରାଜା ଶ୍ରୀ ପଦ୍ମନାଭ ନରେନ୍ଦ୍ର ପୁରୀ ରାଜା ମୁକୁନ୍ଦ ଦେବଙ୍କ ଝିଅ କୁମାରୀଙ୍କୁ ବିବାହ କରିଥିଲେ । ବିବାହରେ ଯୌତୁକ ସଦୃଶ୍ୟ ପୁରୀର ମାର୍କଣ୍ଡେଶ୍ୱର ସାହି ପାଇଥିଲେ । ସେଠାରୁ ଯାହା ରାଜସ୍ୱ ଆଦାୟ ହେଉଥିଲା ତାହା ସବୁକୁ ନରେନ୍ଦ୍ର ପୁଷ୍କରିଣୀ ଖନନ କରି ସମ୍ପୂର୍ଣ୍ଣ ନିର୍ମାଣ କରିଥିଲେ ।

ପଦ୍ମନାଭଙ୍କର ୧୮ଟି ପୁତ୍ର ସନ୍ତାନ ଥିଲେ । କଳାପାହାଡ଼ ସହ ଯୁଦ୍ଧରେ ୧୭ ଜଣ ନିଧନ ହୋଇଥିଲେ। ସାନପୁଅ ପାର୍ଥ ଶ୍ରୀଚନ୍ଦନ ରକ୍ଷା ପାଇଯାଇଥିଲେ । ପୁଅମାନଙ୍କ ସ୍ମୃତିରେ ପୁରୀର ଦ୍ୱାର ଦେଶରେ ୧୮ନଳା ନିର୍ମାଣ କରିଥିଲେ। ଏହିଭଳି ଭାବରେ ପୁରୀ ରାଜପରିବାର ସହିତ ରଣପୁର ରାଜ ପରିବାରର ସମ୍ପର୍କ ଥିଲା ।

ବର୍ତ୍ତମାନ ରଥ ନିର୍ମାଣ ଏବଂ ପରିଚାଳନା ସରକାର ସ୍ଥାନୀୟ ଜନପ୍ରତିନିଧି ମାନଙ୍କ ଦ୍ୱାରା ସଂପନ୍ନ ହେଉଅଛି ।



ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ଆମର ବିଧାୟିକା ତଥା ଆମ ଓଡ଼ିଶା ବିଧାନସଭାର ସମ୍ମାନନୀୟା ବାଚସ୍ପତି ଶ୍ରମତୀ ସୁରମା ପାଢ଼ୀ ମହୋଦୟାଙ୍କର ସମୟପୋଯୋଗୀ ପଦକ୍ଷେପ ଯୋଗୁଁ ପୁରୁଣା ଗୁଣ୍ଡିଚା ମନ୍ଦିର ଘରଟି ପୁନଃ ଅତି ସୁନ୍ଦର ଭାବେ ନିର୍ମାଣ ହୋଇପାରିଛି।

ଆଜକୁ ଚାଳିଶ ବର୍ଷ ତଳେ ରଣପୁର ରଥଯାତ୍ରାକୁ ଆହୁରି ସରସ ସୁନ୍ଦର କରିଥିଲା ବାହୁଡ଼ା ଏକାଦଶୀ ଦିନ ଆରମ୍ଭ ହୋଇଥିବା ଭଜନ ସମାରୋହ । ଯାହାକି ଜଗନ୍ନାଥଙ୍କ ଅଶେଷ କୃପାରୁ ନିରବଚ୍ଛିନ୍ନ ଭାବେ ପଞ୍ଚୁଦୋଳ ପଡ଼ିଆରେ ହୋଇ ଆସୁଅଛି ଏବଂ ଏହି ସାଂସ୍କୃତିକ ଅନୁଷ୍ଠାନଟି ଏବେ ଆମ ରାଜ୍ୟରେ ପ୍ରମୁଖ ମାନ୍ୟତା ପ୍ରାପ୍ତ ସାଂସ୍କୃତିକ ଅନୁଷ୍ଠାନ ଭାବେ ସ୍ୱୀକୃତ।

୧୯୮୬ ମସିହାରେ ଆମ୍ଭେ ରଣପୁର ଟାଉନ କ୍ଲବର ସଦସ୍ୟମାନେ ଏହି ଭଜନ ସମରୋହଟିକୁ ଆରମ୍ଭ କରିଥିଲୁ ଏବଂ ଜନ ସାଧାରଣଙ୍କର ଅକୁଣ୍ଠ ସହଯୋଗ ଦ୍ୱାରା ସେତେବେଳେ ଟାଉନ କ୍ଲବର ପ୍ରମୁଖ ସଦସ୍ୟ ସ୍ୱର୍ଗତ ବିଶ୍ୱଜିତ୍ ରାୟ (ବାବୁନି), ସନ୍ତୋଷ କୁମାର ପଟ୍ଟାୟକ (ଭାଲୁ ଭାଇ), ଶ୍ରୀ ପର୍ଶୁରାମ ମହାରାଜ (ମହନ୍ତ ଚୈତନ୍ୟ ମଠ), କୁନ ଦେଓ (ନଲ ଦେଓ), ଚିତ୍ତରଞ୍ଜନ ସେନାପତି (ଚିତ୍ତ ଭାଇ), ରଶ୍ମିରଞ୍ଜନ ପଟ୍ଟନାୟକ (ଅଭିନାଶ ଷ୍ଟୁଡିଓ), ଆଶିଷ କୁମାର ଦାସ (ସିକୁ), ସନ୍ତୋଷ କୁମାର ପଟ୍ଟନାୟକ (ନିଲୁ ଭାଇ), ରଶ୍ମିରଞ୍ଜନ ପଟ୍ଟନାୟକ (ରାଜବାଟି ବାପି), ଅବନୀ ମାଝୀ (ଅବନୀ ଭାଇ), ଜୟ ପ୍ରକାଶ ସାହୁ (ମୁନା), ବ୍ରଜ ରଣସିଂହ (ବଜିଆ), ମଳୟ ପଟ୍ଟନାୟକ (କାବୁ), ସ୍ୱର୍ଗତ ମନୋରଞ୍ଜନ ଲାଲ (ମୋର ବଡ଼ ଭାଇ), ଟୁଟୁ ଭାଇନା, ମଧୁ ଭାଇନା ,ମିଲୁ ଭାଇ, ଟୁଲୁ, ଲୁନା, ବୁନୁ ଓ ମାନସ ରଞ୍ଜନ ପଟ୍ଟନାୟକ (ମାନୁଭାଇ) ପ୍ରମୁଖ ଥିଲେ ।

ଆଶା କରୁଛି ଆଗକୁ ହଜାର ହଜାର ବର୍ଷଧରି ଏହିଭଳି ଆମ ରଣପୁରରେ ଜଗାଙ୍କ ଲୀଳା ଚାଲିଥାଉ । ଏହି ଅଞ୍ଚଳ ଏବଂ ସାରା ଜୀବଜଗତ ଉପରେ ମହାପ୍ରଭୁଙ୍କର କୃପା ବାରିତ ହେଉଥାଉ। (କ୍ରମଶଃ)

*ବଡ଼ଦାଣ୍ଡ ସାହି, ରାଜ-ରଣପୁର*
*ମୋ : ୯୪୩୭୨ ୨୮୮୫୬*




## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ :
୯୦୯୦୨୨୫୩୫୩
*Email:*
voiceofvictim2019@gmail.com
voiceofvictimsnews@gmail.com
*Website :*
https://voiceofvictims.co.in
*E-Paper :*
voiceofvictimsepaper.in

# Jagannath Culture :

## The Ancient Science of Sustainable Living the World Is Beginning to Understand



Nihar Ranjan Acharya

In an age of climate change, mental stress, social divisions, and environmental degradation, the world is searching for sustainable ways of living. Surprisingly, many of the answers have existed for centuries in the Jagannath Culture of Odisha. Far beyond being a religious tradition, Jagannath culture represents a holistic philosophy of life that integrates ecology, nutrition, psychology, social harmony, ethics, and human well-being.

Whether viewed through the lens of faith or culture, many of its practices align with principles that modern science recognizes as beneficial. Here are some of its remarkable features.

1. Equality Beyond Social Divisions

One of the defining features of Jagannath culture is its emphasis on the equality of human beings before the Divine. The tradition has long carried the ideal that all people, regardless of background, are worthy of respect.

Scientific relevance: Societies with greater inclusion and social trust tend to have better cooperation, stronger community resilience, and improved mental well-being.

2. Mahaprasad: Food that Builds Community

The sacred food offered to Lord Jagannath is shared by everyone without discrimination. Eating together promotes social bonding and reduces barriers among communities.

Scientific relevance: Shared meals strengthen interpersonal relationships, improve emotional health, and foster collective identity.

3. Rath Yatra: Walking Towards Health

The annual Rath Yatra inspires millions to walk long distances and participate in collective celebration.

Scientific relevance: Walking is associated with improved cardiovascular health, enhanced mood, better metabolism, and lower stress. Community festivals also strengthen social connectedness.

4. A Culture that Respects Nature

The Jagannath tradition reveres trees, rivers, animals, and natural resources. The sacred Neem tree (Daru) used for the deities symbolizes the respectful use of natural resources rather than reckless exploitation.

Scientific relevance: Biodiversity conservation, sustainable resource use, and ecological balance are essential for planetary health.

5. Vegetarian Food and Environmental Sustainability

Most offerings to Lord Jagannath are plant-based.

Scientific relevance: Diets rich in plant foods are associated with lower environmental footprints and can support better health when nutritionally balanced.

6. Simplicity Over Excess

Jagannath culture teaches humility, moderation, and contentment rather than endless consumption.

Scientific relevance: Excessive consumerism increases waste, pollution, and resource depletion. Simpler lifestyles can reduce environmental impact while improving life satisfaction.

7. Mental Peace Through Devotion

Prayer, kirtan, meditation, and remembrance of the Divine are central to the tradition.

Scientific relevance: Practices involving meditation, music, and collective chanting have been associated with reduced stress, improved emotional regulation, and enhanced psychological well-being.

8. Community Service as a Way of Life

Serving pilgrims, feeding the hungry, and helping others are cherished values.

Scientific relevance: Research consistently shows that altruistic behavior enhances happiness, strengthens social networks, and benefits mental health.

9. Cycles of Renewal

The Nabakalebara tradition symbolizes renewal, where the wooden forms of the deities are periodically replaced while continuity of tradition is preserved.

Scientific relevance: Renewal is a universal principle observed in biology, where living systems constantly regenerate cells and adapt over time.

10. Cultural Identity and Collective Memory

Jagannath culture has preserved art, music, dance, literature, architecture, rituals, and community traditions across generations.



Scientific relevance: Strong cultural identity supports psychological resilience, social continuity, and intergenerational learning.

11. Respect for Time and Natural Rhythms

Daily rituals, seasonal festivals, and annual observances follow structured cycles.

Scientific relevance: Regular routines support healthy circadian rhythms, improve sleep quality, and contribute to physical and mental health.

12. Compassion for All Living Beings

The tradition encourages kindness, humility, and coexistence.

Scientific relevance: Compassion strengthens empathy, reduces conflict, and promotes cooperative societies.

Why Jagannath Culture Matters Today

The greatest strength of Jagannath culture is that it does not merely ask people to worship—it encourages them to live responsibly. It reminds humanity that prosperity should not come at the cost of nature, that progress without compassion is incomplete, and that communities thrive when they share rather than divide.

Many contemporary global priorities—sustainability, public health, social inclusion, environmental stewardship, and mental well-being—echo values that have long been embedded in this cultural tradition. While these similarities do not mean the tradition anticipated every modern scientific discovery, they illustrate how enduring cultural practices can complement scientific understanding.

In a rapidly changing world, Jagannath culture offers more than devotion. It offers a framework for living with balance, gratitude, responsibility, and respect for both people and the planet.

Jagannath Culture is not simply a heritage of Odisha—it is a timeless invitation to harmonize humanity with nature, community, and conscience. Perhaps that is why its message continues to resonate across generations: when life is guided by compassion, moderation, and shared purpose, both civilization and the Earth are better able to flourish.

**Scientific Officer, Indian Climate Congress**
**Ph. 8249775817**
**E-Mail: nihar.acharya1973@gmail.com**


# ଅନଶନ : ସୋନମ ୱାଙ୍ଗଚୁକଙ୍କ ସଂଘର୍ଷ



**କୈଳାସ ଚନ୍ଦ୍ର ଶତପଥୀ**

ଆମ ଦେଶର ଗଣତନ୍ତ୍ରରେ ପ୍ରତିବାଦର ସ୍ୱରକୁ ଶାଣିତ କରିବା ପାଇଁ ଅନେକ ପଥ ରହିଛି । ନିରବ ଧାରଣା, ପଦଯାତ୍ରା, ସତ୍ୟାଗ୍ରହ, ଜନସମାବେଶ, ଆବେଦନ, ନ୍ୟାୟାଳୟର ଦ୍ୱାରସ୍ଥ ହେବା ଇତ୍ୟାଦି । ଏସବୁ ମଧ୍ୟରେ ଅନଶନ ବା ଭୋକ ହରତାଳ ସବୁଠାରୁ କଠିନ, ସାହସିକ ଓ ନୈତିକ ପ୍ରତିବାଦର ରୂପ । ଏଥିରେ ପ୍ରତିବାଦକାରୀ ଅନ୍ୟ କାହାରିକୁ କ୍ଷତି ପହଞ୍ଚାନ୍ତି ନାହିଁ; ବରଂ ନିଜ ଶରୀର ଓ ଜୀବନକୁ ହିଁ ସଂଘର୍ଷର ଅସ୍ତ୍ର କରିଥାନ୍ତି । ଏହାର ଉଦ୍ଦେଶ୍ୟ ସରକାରକୁ ଭୟଭୀତ କରିବା ନୁହେଁ, ବରଂ ସମାଜର ବିବେକକୁ ଜାଗ୍ରତ କରିବା ।

ଭାରତର ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ଅନଶନକୁ ନୈତିକ ଚାପର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ବିଚାର କରାଯାଏ । ସ୍ୱାଧୀନତା ପରେ ପୋଟ୍ଟି ଶ୍ରୀରାମୁଲୁଙ୍କ ଆମରଣ ଅନଶନ ଆନ୍ଧ୍ର ରାଜ୍ୟ ଗଠନର ପଥକୁ ପ୍ରଶସ୍ତ କରିଥିଲା । ଇରୋମ ଶର୍ମିଳା ଦୀର୍ଘ ୧୬ ବର୍ଷ ଧରି ଅନଶନ କରି ମଣିପୁରରୁ ସଶସ୍ତ୍ର ବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ (ଇଋଝଚଇ) ପ୍ରତ୍ୟାହାର କରିବା ବିରୋଧରେ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ । ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନ ମଧ୍ୟ ଅନଶନକୁ ଏକ ଜନଆନ୍ଦୋଳନରେ ପରିଣତ କରିଥିଲା । ଏହି ସବୁ ଘଟଣା ପ୍ରମାଣ କରେ ଯେ ଅନଶନ କେବଳ ଖାଦ୍ୟ ତ୍ୟାଗ ନୁହେଁ, ଏହା ହେଉଛି ନୈତିକ ଶକ୍ତିର ସର୍ବୋଚ୍ଚ ପ୍ରକାଶ । ଏହି ପୃଷ୍ଠଭୂମିରେ ପୁଣିଥରେ ଦେଶବ୍ୟାପୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛନ୍ତି ଲଦାଖର ପ୍ରସିଦ୍ଧ ଶିକ୍ଷାବିତ୍, ପରିବେଶବିତ୍ ଓ ସମାଜସେବୀ ସୋନମ ୱାଙ୍ଗଚୁକ । ସେ ଜୁନ୍ ୨୮ରୁ ନୂଆଦିଲ୍ଲୀର ଜନ୍ତରମନ୍ତରରେ ଅନିର୍ଦ୍ଦିଷ୍ଟକାଳୀନ ଅନଶନ ଆରମ୍ଭ କରିଥିଲେ । ତାଙ୍କ ଆନ୍ଦୋଳନର ମୁଖ୍ୟ ଦାବି ହେଉଛି ଜାତୀୟ ସ୍ତରର ପରୀକ୍ଷା ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ? ଘଟଣାରେ ଦାୟିତ୍ୱ ନିର୍ଦ୍ଧାରଣ, ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା । ଏହା ସହ ପରୀକ୍ଷା ସମ୍ପର୍କିତ ଘଟଣାରେ ପ୍ରାଣ ହରାଇଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ଦାବି ମଧ୍ୟ ଉଠିଛି । ଅନଶନର ୨୦ରୁ ଅଧିକ ଦିନ ପରେ ସୋନମ ୱାଙ୍ଗଚୁକଙ୍କ ଓଜନ ପ୍ରାୟ ୯ କିଲୋଗ୍ରାମରୁ ଅଧିକ କମିଯାଇଥିଲା । ଡାକ୍ତରମାନେ ଶରୀରରେ ଜଳଶୂନ୍ୟତା, ପୋଟାସିୟମ୍ ଅଭାବ ଏବଂ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ କରିଥିଲେ । ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ଉପରେ ନିୟମିତ ନଜର ରଖିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ପୁଲିସ ତାଙ୍କୁ ସଫଦରଜଙ୍ଗ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା, ଯଦିଓ ସେ ଅନଶନ ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି । ସୋନମ ୱାଙ୍ଗଚୁକ କେବଳ ଜଣେ ଆନ୍ଦୋଳନକାରୀ ନୁହଁନ୍ତି । ଲଦାଖର ଶୁଷ୍କ ପରିବେଶରେ 'ଆଇସ୍ ଷ୍ଟୁପା' ପ୍ରଯୁକ୍ତି ଉଦ୍ଭାବନ, ବିକଳ୍ପ ଶିକ୍ଷା ମଡେଲ୍ ଏବଂ ପରିବେଶ ସଂରକ୍ଷଣ କ୍ଷେତ୍ରରେ ତାଙ୍କ ଅବଦାନ ତାଙ୍କୁ ଆନ୍ତର୍ଜାତିକ ପରିଚୟ ଦେଇଛି । 'ଥ୍ରୀ ଇଡିଅଟ୍ସ' ଚଳଚ୍ଚିତ୍ରର 'ଫୁନସୁଖ ୱାଙ୍ଗଡୁ' ଚରିତ୍ର ପଛରେ ତାଙ୍କ ବ୍ୟକ୍ତିତ୍ୱର ପ୍ରେରଣା ରହିଥିବା କଥା ମଧ୍ୟ ସୁପରିଚିତ । ତେଣୁ ତାଙ୍କ ଅନଶନ କେବଳ ଜଣେ ବ୍ୟକ୍ତିର ପ୍ରତିବାଦ ନୁହେଁ, ବରଂ ଦେଶର ଶିକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତାକୁ ନେଇ ଉଠିଥିବା ଏକ ବଡ଼ ପ୍ରଶ୍ନ । ଗଣତନ୍ତ୍ରର ସବୁଠାରୁ ସୌନ୍ଦର୍ଯ୍ୟ ହେଉଛି ସଂଳାପ । ଯେତେବେଳେ ଜଣେ ନାଗରିକ ନିଜ ଜୀବନକୁ ବାଜି ଲଗାଇ ଅନଶନରେ ବସନ୍ତି, ସେତେବେଳେ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହେଉଛି ଆଲୋଚନାର ମାର୍ଗ ଖୋଲିବା । କେବଳ ପୁଲିସ ବ୍ୟବସ୍ଥା କିମ୍ବା ଚିକିତ୍ସାଗତ ହସ୍ତକ୍ଷେପ ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ । ଲୋକତନ୍ତ୍ରରେ ସରକାର ଓ ନାଗରିକଙ୍କ ମଧ୍ୟରେ ବିଶ୍ୱାସ ହିଁ ସବୁଠାରୁ ବଡ଼ ପୁଞ୍ଜି । ସୋନମ ୱାଙ୍ଗଚୁକଙ୍କ ଅନଶନର ଫଳାଫଳ ଯାହା ବି ହେଉ, ଏହା ଆମ ସମସ୍ତଙ୍କ ସାମ୍ନାରେ ଏକ ଗମ୍ଭୀର ପ୍ରଶ୍ନ ଛାଡ଼ି ଯାଇଛି । ଏକ ଗଣତାନ୍ତ୍ରିକ ଦେଶରେ ନାଗରିକଙ୍କ ସ୍ୱର ଶୁଣିବା ପାଇଁ କି ତାଙ୍କୁ ନିଜ ଜୀବନକୁ ବିପଦରେ ପକାଇବାକୁ ପଡ଼ିବ ? ଯଦି ଏହାର ଉତ୍ତର 'ହଁ' ହୁଏ, ତେବେ ଏହା କେବଳ ଜଣେ ଆନ୍ଦୋଳନକାରୀଙ୍କ ପରାଜୟ ନୁହେଁ, ଗଣତନ୍ତ୍ରର ବିବେକର ମଧ୍ୟ ପରାଜୟ ।






ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବତୁ ମେ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ କ୍ୟାଟ୍ ବାର୍ ଆସୋସିଏସନ୍ ପରିବାର ତରଫରୁ ଏବଂ ମୋ ନିଜ ପକ୍ଷରୁ ସମସ୍ତ ଓଡ଼ିଆ ଭାଇଭଉଣୀଙ୍କୁ ହୃଦୟରୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ – ଏହା ସମତା ଓ ଏକତାର ମହାନ ସନ୍ଦେଶ । ଯେଉଁଦିନ ମହାପ୍ରଭୁ ନିଜ ରତ୍ନସିଂହାସନ ତ୍ୟାଗ କରି ରାଜପଥକୁ ଓହ୍ଲାଇ ଆସନ୍ତି, ସେହିଦିନ ଉଚ୍ଚ-ନୀଚ, ଜାତି-ଧର୍ମର ଭେଦ ଲୋପ ପାଇଯାଏ । ପ୍ରଭୁ ଏଠାରେ କେବଳ ପ୍ରତିମା ନୁହଁନ୍ତି– ସେ ଜୀବନ୍ତ ଈଶ୍ୱର, ଯିଏ ରୋଗରେ ପୀଡ଼ିତ ହୁଅନ୍ତି, ଅଣସର ପାଳନ୍ତି ଏବଂ ଭକ୍ତଙ୍କ ଡାକରେ ବିଚଳିତ ହୁଅନ୍ତି ।


ଆସନ୍ତୁ, ଏହି ଶୁଭ ଅବସରରେ ଆମେ ମହାପ୍ରଭୁଙ୍କ ଉଦାରତାର ବାର୍ତ୍ତାକୁ ନିଜ ଜୀବନରେ ଧାରଣ କରି ସମାଜରେ ପ୍ରେମ, ଏକତା ଓ ସେବାର ଦୀପ ଜାଳୁ ।

ଜୟ ଜଗନ୍ନାଥ !



ଦେବେନ୍ଦ୍ର କୁମାର ବେହେରା
ଆଡଭୋକେଟ୍
ସଭାପତି, କ୍ୟାଟ୍ ବାର୍ ଆସୋସିଏସନ୍




Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର